# ଅନୁପମ ଅରବିନ୍ଦ





## ୰ ଅରବିନ୍ଦ ନାଥ ମିତ୍ର

ଆବିର୍ଭାବ : ୧୫.୦୭.୧୯୪୮ ● ତିରୋଧାନ : ୨୨.୦୩.୨୦୨୬

*Wherever a beautiful soul has been,*
*there is a trail of beautiful memories.*



# ଅନୁପମ ଅରବିନ୍ଦ



ଆବିର୍ଭାବ: ୧୫.୦୬.୧୯୪୮ ତିରୋଧାନ: ୨୨.୦୩.୨୦୨୬

## ୰ଅରବିନ୍ଦ ନାଥ ମିତ୍ର

**ସମ୍ପାଦକ ମଣ୍ଡଳୀ**

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଶ୍ରୀ ଜୋତିରିନ୍ଦ୍ର ନାଥ ମିତ୍ର,
ଶ୍ରୀ ଗୋପାଳ କୃଷ୍ଣ ଦାସ ଶ୍ରିମତୀ ସୌମ୍ୟା ଦାସ, ଡ. ପ୍ରମୋଦ ଚନ୍ଦ୍ର ଦାସ ଏବଂ
ଶ୍ରୀ ବସନ୍ତ କୁମାର କାନୁନ୍‌ଗୋ

**ପ୍ରକାଶକ:** ଆମରି ସତ୍ୟ, ଖୋର୍ଦ୍ଧା

# ସୂଚୀପତ୍ର


| | | |
|---|---|---|
| ଅଗ୍ରଲେଖ ! ଅନୁପମ ଅରବିନ୍ଦ | ଗୋପାଳକୃଷ୍ଣ ଦାସ | ୦୫ |
| ବାର୍ତ୍ତା | ଶ୍ରୀ ପ୍ରଶାନ୍ତ ଜଗଦ୍ଦେବ | ୦୭ |
| ବାର୍ତ୍ତା | ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି | ୦୮ |
| ବାର୍ତ୍ତା | ସୌର୍ଯ୍ୟ ରଞ୍ଜନ ମହାନ୍ତି | ୦୯ |
| ବାର୍ତ୍ତା | ଡ. ବିନ୍ଦୁଶ୍ରୀ ମିଶ୍ର | ୧୦ |
| ଶିବୁ ତୁମେ ଯେଉଁ ସମାଜଟିଏ ଗଢିଛ ସେଇ ସମାଜ ତୁମକୁ ସଲାମୀ ଶସ୍ତ୍ର ପ୍ରଦାନ କରୁଛନ୍ତି, ଗ୍ରହଣ କରିବ ନାହିଁ ? | ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି | ୧୧ |
| ମୃତ୍ୟୁ ଭୟଙ୍କର କିନ୍ତୁ ସତ୍ୟ | ଜ୍ୟୋତିରିନ୍ଦ୍ର ନାଥ ମିତ୍ର | ୧୪ |
| ଝଡ଼ର ଇଗଲ ଧରଣୀର କୃଷ୍ଣସାର | ଟୁକୁନା | ୧୫ |
| ଖୋରଧା କ୍ଲବର ଅଭିନବ ଇନ୍ଦ୍ରଦ୍ୟୁମ୍ନ | | ୧୫ |
| ନିଛକ ଅନୁଭୂତି ସଂଦର୍ଭ ମଣିଷ | ଶରତ ଚନ୍ଦ୍ର ସାହୁ | ୧୬ |
| ସାଥୀ ଅରବିନ୍ଦ ପାଇଁ ଶୋକାଞ୍ଜଳି | ବୈକୁଣ୍ଠ ନାଥ ରାଜଗୁରୁ | ୧୬ |
| ସ୍ମୃତି ତର୍ପଣ | ଗଙ୍ଗାଧର ପୃଷ୍ଟି | ୧୭ |
| ସ୍ମୃତିରୁ କାଣିଚାଏ | ନାନୁ ମାମୁ | ୧୮ |
| କମାଣ୍ଡାଣ୍ଟ ଅରବିନ୍ଦ ବନ୍ଧୁମିତ୍ରଙ୍କ ସ୍ମୃତିରେ | କେଦାର ନାଥ ଦାସ | ୨୦ |
| ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଅରବିନ୍ଦ ମିତ୍ର | ଡ.ପ୍ରମୋଦ ଚନ୍ଦ୍ର ଦାଶ | ୨୧ |
| ଚିରସ୍ମରଣୀୟ ଅରବିନ୍ଦ | ସତ୍ୟବାଦୀ ବଳିଆରସିଂହ | ୨୨ |
| ଅରବିନ୍ଦ ମିତ୍ର ଖୋରଧା ସହରର ଅଗ୍ରଣୀ ସମାଜସେବୀ ବ୍ୟକ୍ତିତ୍ୱ | ଭୀମସେନ ପ୍ରଧାନ | ୨୩ |
| ବଡ଼େ ଦିଲ୍‌ୱାଲେ | ସୁନୀଲ ବୋଷ | ୨୪ |
| ମହାନ୍ ବ୍ୟକ୍ତିତ୍ୱଙ୍କ ମହାପ୍ରୟାଣ ଅବସରରେ | ପ୍ରକାଶ ଚନ୍ଦ୍ର ପଟ୍ଟନାୟକ | ୨୫ |
| ମିତ୍ର ସାର୍ | ହିମାଂଶୁ କୁମାର ପଟ୍ଟନାୟକ | ୨୫ |
| ବନ୍ଧୁ ମୋର ଅତି ଶାନ୍ତ – ଅତି ଦୁର୍ଦ୍ଦାନ୍ତ ବି | ରାଜ କିଶୋର ପରମଗୁରୁ | ୨୬ |
| କେତୋଟି ମୁହୂର୍ତ୍ତର ସ୍ମାରକୀ | ଉମାଶଙ୍କର ପ୍ରସାଦ | ୨୮ |

| | | |
|---|---|---|
| ଖାଣ୍ଟି ପୁତ୍ର ଅରବିନ୍ଦ ମିତ୍ର | ପ୍ରଫେସର ଡ. ବୃନ୍ଦାବନ ପଣ୍ଡା | ୨୯ |
| ଖୋରଧା ତୁମକୁ ଝୁରେ | ଡ.ବିଜୟ କେତନ ପଟ୍ଟନାୟକ | ୩୦ |
| ପ୍ରିୟ ବନ୍ଧୁ ଅରବିନ୍ଦ ମିତ୍ରଙ୍କ ଅବର୍ତମାନରେ | ଡ଼କ୍ଟର ପ୍ରଫୁଲ୍ଲ କୁମାର ସାମନ୍ତରାୟ | ୩୨ |
| ସେ ଥିଲେ ଜଣେ କ୍ରୀଡ଼ାପ୍ରେମୀ | ଆଶିଷ କୁମାର ରାୟ | ୩୩ |
| ବନ୍ଧୁ ଅରବିନ୍ଦ ମିତ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି | ଫାରୁକ୍ ଭାଇ | ୩୪ |
| ଜଣେ ନିଷ୍ଠାପର – କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱଙ୍କ ଅବର୍ତ୍ତମାନରେ.... | ବନୋଜ ତ୍ରିପାଠୀ | ୩୫ |
| ପୂଜ୍ୟ ପ୍ରଣାମ | କାଳିଚରଣ ଜୟସିଂହ | ୩୬ |
| ଅରବିନ୍ଦ ଭାଇ ଙ୍କ ପାଇଁ ଦୁଇ ପଦ | ଲକ୍ଷ୍ମୀ ନାରାୟଣ ଭଞ୍ଜ | ୩୮ |
| ସ୍ମୃତିରେ ଅରବିନ୍ଦ ଭାଇ | ଜବାହରଲାଲ ସୁବୁଦ୍ଧି | ୩୯ |
| ଅରବିନ୍ଦଙ୍କ ଅମର ସ୍ମୃତିରେ | ଶ୍ରୀଯୁକ୍ତ ବ୍ରଜ କିଶୋର ସାହୁ | ୩୯ |
| ନାମ ପରି କାମ | ଡ. ଚପଳା ପଣ୍ଡା | ୪୦ |
| ଅରବିନ୍ଦ ସ୍ମରଣେ | ବିଭୁପ୍ରସାଦ ହରିଚନ୍ଦନ | ୪୧ |
| ଅମଳିନ ସ୍ୱାକ୍ଷର | ବ୍ରାହ୍ମୀପ୍ରିୟା ସାମନ୍ତରାୟ | ୪୨ |
| A brilliant mind, a prolific pen and a beautiful soul | Debolina Mondol | 43 |
| My first Hero, My forever guide | Soumya (pinky) | 44 |
| MY BRIEF YET MEMORABLE ASSOCIATION WITH ARABINDA MITRA | Subas C. Kumar | 46 |
| RARE AND REMARKABLE CHARACTER | Kailash Panigrahi | 47 |
| JETHU | Sourav Mitra | 48 |
| IT IS AN IRREPARABLE LOSS FOR OUR FAMILY | Dr Mamata Dey | 49 |
| I CALLED HIM BADAMAMA & THERE IS NO ONE ELSE. | Preeta Sarkhel | 50 |
| DEAR MEZDA | TAPU | 51 |
| IN LOVING MEMORY OF A COMMANDING PRESENCE A ND A WARM HEART – BADAMAMA | PARNA SARKHEL | 52 |
| A HERO... | | 53 |
| ଖୋର୍ଦ୍ଧାର ସୁଯୋଗ୍ୟ ସନ୍ତାନ | ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ | ୫୫ |
| ଶ୍ରୀ ଅରବିନ୍ଦ ମିତ୍ରଙ୍କ ସ୍ମରଣେ | ବସନ୍ତ କୁମାର କାନୁନ୍‌ଗୋ | ୫୬ |
| ପ୍ଲାବନ ଓ ଶ୍ରାବଣୀର ପ୍ରଣୟ | ଅରବିନ୍ଦ ନାଥ ମିତ୍ର | ୫୯ |



# ଅଗ୍ରଲେଖ ! ଅମୃଣନନ୍ଦ

## ଗୋପାଳକୃଷ୍ଣ ଦାସ

ବିଗତ ଦୁଇଶତ ବର୍ଷ ମଧ୍ୟରେ ବୀରପ୍ରସୂ ଖୋରଧା ସଂସ୍କୃତିକୁ ସମୃଦ୍ଧ ଶ୍ରୀମନ୍ତ କରିବାରେ ସଂଗ୍ରାମୀ ସାହିତ୍ୟିକ ସାଧକ ପ୍ରସୂଙ୍କ ସହ ମାରଡ୍ୱାଡି, ବିହାରୀ, ତେଲିଙ୍ଗ ସଂପ୍ରଦାୟର ସଂସ୍କୃତିର ରହିଛି ଅପୂର୍ବ ଅବଦାନ। ଇଷ୍ଟ ଇଣ୍ଡିଆ କମ୍ପାନୀର ଫୌଜଙ୍କ ୧୮୦୪ ଡିସେମ୍ବର ଶେଷ ସପ୍ତାହରେ ଖୋରଧା ରାଜ୍ୟ ଅଧିକାର କରିବା ପରେ ବଙ୍ଗୀୟମାନେ ପ୍ରଥମ ପର୍ଯ୍ୟାୟରେ କରିଥିଲେ ଆଗମନ। ରାଜଧାନୀ କଲିକତାର ଉଚ୍ଚଶିକ୍ଷିତ ବଙ୍ଗୀୟମାନେ ଓଡ଼ିଶାର ବିବିଧ କ୍ଷେତ୍ରରେ ହୋଇଥିଲେ ଅଧିଷ୍ଠିତ। ଖୋରଧାର ପ୍ରଥମ ମୁକ୍ତାର ମୁରଲୀଧର ଚାଟାର୍ଜୀ ଓ ଅର୍ଦ୍ଧେନ୍ଦୁ ଚାଟାର୍ଜୀ ୧୯୦୩ ରେ ସମବାୟ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସତୀଶ ଚନ୍ଦ୍ର ମୁଖାର୍ଜୀ, ଖୋରଧା ହାଇ ଇଂଲିଶ ସ୍କୁଲର ହେଡମାଷ୍ଟର, ପାଠ୍ୟପୁସ୍ତକ ରଚୟିତା ଆଶୁତୋଷ ବାଗ୍‌ଚୀ, ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟ ଚୂଡ଼ାମଣି। ବ୍ରିଟିଶ ଶାସନରେ କଲିକତାରୁ ଆଗତ ଖୋରଧା ହସ୍ପିଟାଲ୍‌ର ଚିଫ୍ ମେଡିକାଲ ଅଫିସର ସୁରପତି ଘୋଷ, ବେବି ଅଷ୍ଟିନ କାର ଚଲାଉଥିବା ଇଞ୍ଜିନିୟର ଅନୀଲ ଘୋଷ , ଖୋରଧାରେ ପ୍ରଥମ ଫୁଲ ବାଗାନ୍ କରିଥିବା ରେଲୱେ ଅଫିସର ବିରଜା ବଲ୍ଲଭ ମିତ୍ର, ଖୋରଧା ସମାଚାର ସାପ୍ତାହିକା ପ୍ରତିଷ୍ଠାତା ସଂପାଦକ ପୂର୍ଣ୍ଣଚନ୍ଦ୍ର ମିତ୍ର, ଓଡ଼ିଶୀ ସଂଗୀତଜ୍ଞ ଶ୍ୟାମପଦ ବୋଷ ଓଡ଼ିଶା ଏକ୍ସପ୍ରେସର ପ୍ରତିଷ୍ଠାତା ସଂପାଦକ ଉମାପଦ ବୋଷଙ୍କ ଠାରୁ ଆରମ୍ଭକରି ସର୍ବକନିଷ୍ଠ ଉଦୀୟମାନ କଥାକାର ସୁନୀଲ ବୋଷ ପର୍ଯ୍ୟନ୍ତ ବହୁ ସାଧକଙ୍କଦ୍ୱାରା ଖୋରଧା ସଂସ୍କୃତି ସମୃଦ୍ଧଶୀଳ।

ଖୋରଧା ରାଜପ୍ରତିଷ୍ଠିତ ରାଧାବଲ୍ଲଭ ମନ୍ଦିର ନାମରେ ନାମିତ ସାହି ବାସିନ୍ଦା ଡାକ୍ତର ଶ୍ୟାମ ମାଧବ ମିତ୍ର ଖୋରଧା କାରାଗାର ପଶ୍ଚିମ ପାର୍ଶ୍ୱରେ ନୂତନ ପ୍ରାସାଦ ନିର୍ମାଣ କରି ସ୍ଥାନାନ୍ତରିତ ହେଲେ, ନିଜର କନ୍ୟା ମନିର ଖୋରଧାର ପ୍ରଥମ ଆଇ.ଏ.ଏସ ଜାମାତାଙ୍କୁ ସୁକୋମଳ ବର୍ଦ୍ଧନ ସହ ବହୁ ଆଡମ୍ବରରେ ବିବାହ କରାଇଥିଲେ। ପୁନଶ୍ଚ ରାଧାବଲ୍ଲଭ ସାହି ବାସିନ୍ଦା ଫରେଷ୍ଟ ଅଫିସର ଜଗନ୍ନାଥ ଦେ ଗୁରୁଜଙ୍ଗ ପ୍ରବେଶ ପଥରେ ଜଗନ୍ନାଥ ମନ୍ଦିର ନିର୍ମାଣ କରି ବହୁ ଭୁସଂପତ୍ତି ଖଞ୍ଜି ନନ୍ଦ ସାହିରେ ସୁଦୃଶ୍ୟ ପ୍ରାସାଦ ନିର୍ମାଣ କରିଥିଲେ। ଶ୍ରୀ ୧୯୫୮ ଖୋରଧା କଲେଜ ପ୍ରତିଷ୍ଠା କାଳରେ ପରିଚାଳନା ସମିତିର ସହରୀମାନେ ବହୁ ସଭାରେ ପୌରୋହିତ୍ୟ କରିଥିଲେ। ତାଙ୍କର ପୌତ୍ରୀ ଇଂରାଜୀ ପ୍ରାଧାପିକା ଡ.ମମତା ଦେ ତାହାର ଅଧକ୍ଷା ଭାବେ ଅବସର ନେଇଛନ୍ତି। ଜିତୁ ମିତ୍ରଙ୍କ ଭଗ୍ନୀ ଡ.ମିତାଲି ମିତ୍ର କଟକ କଲେଜରେ ଅଧକ୍ଷଙ୍କ ଆସନରେ ଆସୀନ ଥିଲେ।

ଡ.ଶ୍ୟାମ ମାଧବ ମିତ୍ରଙ୍କ ଭ୍ରାତା ଖୋରଧା ହାଇ ଇଂଲିଶ୍ ସ୍କୁଲର ପ୍ରାକ୍ତନ ଛାତ୍ର ରାଧାମାଧବ ମିତ୍ରଙ୍କ ସଂପର୍କରେ ବିଶ୍ୱମାନବ ମହାତ୍ମାଗାନ୍ଧୀ ହରିଜନ ପତ୍ରିକାରେ ପ୍ରସସ୍ତିମୂଳକ ଆଲେଖ୍ୟ ଲେଖିବା ଅତ୍ୟନ୍ତ ଉଲ୍ଲେଖନୀୟ। ଜାତିଭେଦ, ଛୁଆଁ ଅଛୁଁଆ ଭେଦଭାବ ଦୂରୀକରଣ ପାଇଁ ଏକ ଅସ୍ପୃଶ୍ୟ ହରିଜନ ବାଳିକାକୁ ସେ ନିର୍ଭୟରେ ବିବାହ କରିଥିଲେ। ହିନ୍ଦୁ ପରିବାରର ବିରୋଧ ସତ୍ତ୍ୱେ ସେ ଚାରିଶହ ହରିଜନ ଓ ଶହେ ହିନ୍ଦୁଙ୍କୁ ଏକତ୍ୱ ପଂକ୍ତି ଭୋଜନରେ ଆପ୍ୟାୟିତ କରିବା ତତ୍‌କାଳୀନ ଓଡ଼ିଶା ପାଇଁ ଏକ ଦୁର୍ଲଭ ଘଟଣା।

ସୁଦକ୍ଷ ପୋଲିସ ପ୍ରଶାସକ କମାଣ୍ଡାଣ୍ଟ ଅଧକ୍ଷ ଗାଳ୍ପିକ, ଔପନାସିକ, ଅଭିନେତା, ପୋଲଭଲ୍ଟ ଓ ଫୁଟବଲ ଖେଳାଳି ଅରବିନ୍ଦ ମିତ୍ର ଥିଲେ ଖୋରଧା ହିତୈଷୀ, ଯୁବ ପ୍ରାଣର ପ୍ରତିଭା। କାୟ ମନ ବାକ୍ୟରେ ଖୋରଧାର ନିରନ୍ତର

ବିକାଶ ପାଇଁ ସେ ଥିଲେ ସଦା ଉଦ୍ୟମଶୀଳ । ଛାତ୍ର ସଂସଦର ସଭାପତି ଭାବରେ ୧୯୭୦ ରେ ଓଡ଼ିଶାର ପ୍ରଥମ ଜୟୀରାଜଗୁରୁଙ୍କ ପ୍ରତିମୂର୍ତ୍ତିକୁ ଟ୍ରେନିଂ ସ୍କୁଲ ଅବସରରୁ ବୀରବାଦ୍ୟରେ ତାଳେତାଳେ ପାଇକ ଆଖଡା ମାଧ୍ୟମରେ ଖୋରଧା କଲେଜରେ ସ୍ଥାପିତ କରିଥିଲେ । ତାଙ୍କର ପଥପଦର୍ଶକ ଗୁରୁ ଗୌରବ ଅବନୀ ବରାଳଙ୍କ ଦ୍ୱାରା ନିର୍ଦ୍ଦେଶନାରେ ଖୋରଧା କ୍ଲବ ସମ୍ମୁଖସ୍ଥ ଅର୍ଦ୍ଧପୂର୍ଣ୍ଣ ରଙ୍ଗମଞ୍ଚର ଉଦ୍ଧାର ଓ ନାଟକ ପରିବେଷଣ ତଥା ଗୁରୁଜଙ୍ଗ ଶିକ୍ଷକ ମହାସଂଘ ପରିସରରେ ସ୍ଥାପିତ ପାଇକ ଏକାଡେମୀରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ପୋଲିସ ଚାକିରୀରେ ନିଯୁକ୍ତି ତାଙ୍କର ସ୍ମରଣୀୟ ଅବଦାନ ।

ଆପଣାର ଶିକ୍ଷାନୁଷ୍ଠାନ ଥିଲା ତାଙ୍କର ପ୍ରଣାଧିକ ପ୍ରିୟ । ଖୋରଧା ହାଇସ୍କୁଲ ୧୨୫ ତମ ଜୟନ୍ତୀ ଓ ପ୍ରାଣନାଥ ବିଶ୍ୱବିଦ୍ୟାଳୟର ଯଥାଶୀଘ୍ର ରୂପାୟିତ ହୋଇପାରିଲେ ତାହାହିଁ ହେବ ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି । ଖୋରଧାର ବିଗତ ଅର୍ଦ୍ଧଶତ ଶତାବ୍ଦୀର ସେ ଥିଲେ ସମର୍ଥ ସଂଗ୍ରାମୀ ।

ଶତଦଳ ପଦ୍ମପରି ଅରବିନ୍ଦ ଥିଲେ ସୌମ୍ୟ, ସୁନ୍ଦର, ଶାନ୍ତ ବହୁମୁଖୀ ପ୍ରତିଭାର ସୁରଭି, ଭରାସୁମନ, ଭାଗ୍ୟ ଭଗବାନ, ମୋକ୍ଷ, ସ୍ୱର୍ଗପ୍ରାପ୍ତିର ଅଭିପ୍ସା ଅପେକ୍ଷା ନିଃସ୍ୱ ନିଃସହାୟଙ୍କ ସେବାରେ ସେ ପାଉଥିଲେ ଅମୃତତୁଲ୍ୟ ଆନନ୍ଦ । ତାଙ୍କ ପରି ଦିବ୍ୟାତ୍ମା ପୁଣି ଧରାବତରଣ କରି ଏ ପୃଥିବୀକୁ ପବିତ୍ର କରନ୍ତୁ, ଯୁଦ୍ଧ ବିକ୍ଷୁବ୍ଧ ବିଶ୍ୱରେ ଶାନ୍ତି ଫେରିଆସୁ, ଏହା ହିଁ ବିଶ୍ୱ ନିୟତାଙ୍କୁ ପ୍ରାର୍ଥନା ।

**Message**

**Late Mr Arabinda Mitra was very closely associated with me during service career.Kindly covey our sincerest condolences to the bereaved family. Namaskar and regards.**

**Mr Amarananda Pattanaik.**
**IPS, Retd DGP**

**Members of Rotary Club, Khordha condoled the sad demise of Late Arabinda Nath Mitra during their weekly meeting held today evening. They prayed for ultimate salvage of the departed soul and conveyed their wishes to the bereaved family to with stand the great loss. Om Shanti..**

**Condolence meeting held on 28.03.2026, Saturdaday**

# ବାର୍ତ୍ତା

## ଶ୍ରୀ ପ୍ରଶାନ୍ତ ଜଗଦ୍ଦେବ

ମୋର ବଡ଼ଭାଇ ପୂର୍ବତନ ବିଧାୟକ ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କର ଜ୍ୟେଷ୍ଠଭ୍ରାତା ଅରବିନ୍ଦ ନାଥ ମିତ୍ରଙ୍କର ବିୟୋଗ ସମ୍ବାଦ ଆମ ସମସ୍ତଙ୍କୁ ବ୍ୟଥିତ କରିଛି । ତାଙ୍କ ପାଇଁ ଶୋକ ବ୍ୟକ୍ତ କରିବା ପାଇଁ ଭାଷା ନାହିଁ । ସେ ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ଥିଲେ । ସେ ଜଣେ ମୋର ଅଭିଭାବକ ଥିଲେ । ମୁଁ ତାଙ୍କ ଶ୍ରଦ୍ଧା ଓ ସ୍ନେହର ଯୋଡି ହୋଇଯିବାର ଅନୁଭବ କରୁଥିଲି ।

ପ୍ରଭୁ ଜଗନ୍ନାଥ ଶୋକସନ୍ତପ୍ତ ପରିବାରକୁ ସହାୟ ହୁଅନ୍ତୁ ଓ ଆମ ବଡ଼ଭାଇ ଅରବିନ୍ଦଙ୍କର ଆତ୍ମାକୁ ସ୍ୱର୍ଗପ୍ରାପ୍ତି କରାନ୍ତୁ ।

**ମାନ୍ୟବର ବିଧାୟକ, ଖୋର୍ଦ୍ଧା**

# ବାର୍ତ୍ତା

## କନକ ଲକ୍ଷ୍ମୀ ମହାନ୍ତି

ଆମ ପୌରାଚଂଳର ଆମ୍ଭମାନଙ୍କର ପ୍ରିୟ  ଅରବିନ୍ଦ ନାଥ ମିତ୍ର ଆମକୁ ଛାଡି ଚାଲି ଯାଇଛନ୍ତି । ସେ ଜଣେ ଆମ୍ଭମାନଙ୍କର ଅଭିଭାବକ ଥିଲେ ଓ ଦିଗ୍‌ଦର୍ଶକ ଥିଲେ । ଆମର ପୁର୍ବତନ ବିଧାୟକ ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କର ବଡଭାଇ । ଅରବିନ୍ଦ ନାଥ ମିତ୍ର, ଏପରି ଜଣେ ବ୍ୟକ୍ତି, ସମସ୍ତଙ୍କୁ ନିଜ ସହିତ ସ୍ନେହରେ, ଶ୍ରଦ୍ଧାରେ ଓ ପ୍ରେମରେ ବାନ୍ଧି ରଖିଥାଆନ୍ତି ।

ପୋଲିସ ବିଭାଗର ଜଣେ ଦକ୍ଷ ଅଫିସର ଭାବରେ ତାଙ୍କର ସୁନାମ ଥିଲା– ଖୋର୍ଦ୍ଧାର ସବୁ ବର୍ଗର ଜନସାଧାରଣ ତାଙ୍କୁ ତାଙ୍କ ବିୟୋଗରେ ସ୍ମୃତିପଟରେ ଆଣିଛନ୍ତି ।

ଆଜି ୧୪ ଦିନ ଅବସରରେ ତାଙ୍କ ପରିବାର ସହିତ ସାମିଲ ହୋଇ ପୌରପରିଷଦ, ଖୋର୍ଦ୍ଧା, ତାଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ତାଙ୍କ ବିୟୋଗରେ ତାଙ୍କର ପରିବାରର ମା, ତାଙ୍କର ସହଧର୍ମିଣୀ ଜୟା ମିତ୍ର, ଝିଅ ପିଙ୍କି, ପୁଅ ରାଜା, ଭାଇ ଶ୍ରୀ ଜିତୁ ମିତ୍ର, ଭାଇ ବୋହୁ ଡକ୍ଟର ମମତା ଦେ, ଭଉଣୀ ମିତାଲି, ନମି ଓ ବଡଭଉଣୀ ମନି ସମସ୍ତେ ଶୋକ ସନ୍ତପ୍ତ । ଏ ଦୁର୍ଦ୍ଦିନରେ ଭଗବାନ ସହାୟ ହୁଅନ୍ତୁ ।

**ଅଧ୍ୟକ୍ଷା, ପୌର ପରିଷଦ, ଖୋର୍ଦ୍ଧା**

# ବାର୍ତ୍ତା

## ସୌର୍ଯ୍ୟ ରଞ୍ଜନ ମହାନ୍ତି

ଖୋର୍ଦ୍ଧାରେ ଆମ ସାହିରେ ଆମେ ଅରବିନ୍ଦ ନାଥ ମିତ୍ରଙ୍କୁ ମେଜଦା ବୋଲି ସମ୍ବୋଧନ କରିଥାଉ । ତାଙ୍କ ପରି ଜଣେ ବଡ ଭାଇ ଅଛନ୍ତି, ଆମେ ମନେ ପକାଇ ପାରୁନୁ । ତାଙ୍କୁ ଦେଖିଲେ ତାଙ୍କ ପ୍ରତି ମନରେ ଶ୍ରଦ୍ଧା ଓ ଭୟ ଆସେ । ଏତେ ଚମତ୍କାରୀତା ଥାଇ ଜଣେ ବ୍ୟକ୍ତି ନିଜ ବୃତ୍ତିରେ, ଖେଳ କୁଦରେ, ସଂଗଠନରେ ସବୁବେଳେ ଆଗରେ ଥିବେ । ଆମେ ଯାହା ଜାଣୁ, ତାଙ୍କର ଗୋଟିଏ ଭିନ୍ନ ପରିଚୟ ଥିଲା– ବକ୍ସି ଜଗବନ୍ଧୁ ବିଦ୍ୟାଳୟର ଶତବାର୍ଷିକୀ ପାଳନର ଦାୟିତ୍ୱ ନେଇ ପାରିବା, ନ୍ୟାୟ ପାଇଁ ଅନ୍ୟାୟ ବିରୋଧରେ ଲଢ଼ିପାରିବା । ଏନ.ସି.ସି. ଓ ପୋଲିସର ନିଜେ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ହୋଇଥିଲେ ।

ସେ ଚାଲିଗଲା ଦିନ ତାଙ୍କ ମରଶରୀର ସ୍ୱର୍ଗଦ୍ୱାରରେ ସତ୍କାର ହେବା ପର୍ଯ୍ୟନ୍ତ ମୁଁ ତାଙ୍କ ସହିତ ଥିଲି । ଏତେ ବଡ ଶରୀର ଘଂଟାକ ଭିତରେ ଜଳିପୋଡି ପଞ୍ଚଭୂତରେ ଲୀନ ହୋଇଗଲା । ସେଇ ପୁରୀକୁ ରଥଯାତ୍ରାରେ ତାଙ୍କର କର୍ତ୍ତବ୍ୟ ସଂପାଦାନ କରିବା ପାଇଁ ବହୁବାର ଅତୀତରେ ଯାଇଥିଲେ ଏବେ ସ୍ୱର୍ଗଦ୍ୱାରରେ ରହି ରଥଯାତ୍ରାର ଦାୟିତ୍ୱ ନେଇ ପାରିବେ । ତାଙ୍କର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ । ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ଶ୍ରୀ ଜଗନ୍ନାଥ ସହାୟ ହୁଅନ୍ତୁ ।

**ଉପାଧ୍ୟକ୍ଷ, ପୌର ପରିଷଦ, ଖୋର୍ଦ୍ଧା**

# ବାର୍ତ୍ତା

## ଡ. ବିନ୍ଦୁଶ୍ରୀ ମିଶ୍ର

ଆମ ପରିଚାଳନା ସମିତିର ସଭାପତି, ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଜ୍ୟେଷ୍ଠ ଭ୍ରାତା ଶ୍ରୀ ଅରବିନ୍ଦ ନାଥ ମିତ୍ରଙ୍କର ଦେହାନ୍ତ ହୋଇଛି । ଏହା ସମଗ୍ର କଲେଜ ପରିବାରକୁ ବ୍ୟଥିତ କରିଛି । କଲେଜର ସମସ୍ତେ ଏଥିପାଇଁ ଗଭୀର ଭାବରେ ଶୋକବ୍ୟକ୍ତ କରିଛନ୍ତି ।

ଅତୀତରେ ସେ କଲେଜର ପୁରାତନ ଛାତ୍ର ଥିଲେ । କଲେଜର ପୁରାତନ ଛାତ୍ର ଛାତ୍ରୀ ଓ ଏନ.ସି.ସି. ଛାତ୍ର ଛାତ୍ରୀମାନଙ୍କର ସଂସଦର କର୍ମକର୍ତ୍ତା ହୋଇ ଗୌରବ ଅର୍ଜନ କରିଥିଲେ । ତାଙ୍କର ଅମାୟିକ ବ୍ୟକ୍ତିତ୍ୱ, ବୃତ୍ତିରେ କର୍ତ୍ତବ୍ୟ ନିଷ୍ଠା, କଲେଜ ପରିବାରକୁ ପ୍ରଭାବିତ କରିଥିଲା । ଓଡ଼ିଶା ପୋଲିସ, କ୍ରିଡା ବିଭାଗରେ ତାଙ୍କର କାର୍ଯ୍ୟ ପାଇଁ ସେ ପ୍ରଶଂସିତ ହୋଇଥିଲେ । ଜଣେ ପୁରାତନ ଛାତ୍ର ଭାବରେ ତାଙ୍କ ପରିଦର୍ଶନ ସମୟରେ ଓ ସ୍ୱୟଂଶାସିତ ମାନ୍ୟତା ପାଇବା ପାଇଁ ତାଙ୍କ ଉତ୍ସାହ ଆମକୁ ଉତ୍ସାହିତ କରୁଥିଲା ।

ପ୍ରଭୁ ଜଗନ୍ନାଥ ତାଙ୍କ ଆତ୍ମାକୁ ସ୍ୱର୍ଗପ୍ରାପ୍ତି କରାନ୍ତୁ । ଶୋକ ସନ୍ତପ୍ତ ପରିବାରକୁ ସହାୟ ହୁଅନ୍ତୁ ।

**ଅଧ୍ୟକ୍ଷା, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ,**
**ଖୋର୍ଦ୍ଧା**

# ଶିବୁ ତୁମେ ଯେଉଁ ସମାଜଟିଏ ଗଢିଛ ସେଇ ସମାଜ ତୁମକୁ ସଲାମୀ ଶସ୍ତ୍ର ପ୍ରଦାନ କରୁଛନ୍ତି, ଗ୍ରହଣ କରିବ ନାହିଁ ?

## ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ଶିବୁ, ଅନ୍ୟଭାବରେ ପରିଚିତ, ଓଡ଼ିଶାର ପୋଲିସ ଦୁର୍ଗପତି ତଥା କମାଣ୍ଡାଣ୍ଟ ଅରବିନ୍ଦ ନାଥ ମିତ୍ର ଚାଲିଗଲେ । ସେଦିନ ସଂଧ୍ୟାରେ ଖବର ପହଞ୍ଚିଲା ଯେ ଅସୁସ୍ଥ ହୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଉଛନ୍ତି, ପୁଣି ଦୁଃଖଦ ସମ୍ବାଦ ଯେ ସେ ତାଙ୍କର ଇହଲୀଳା ସମ୍ବରଣ କରି ବିଦାୟ ନେଇଗଲେ । ଏପରି ସମ୍ବାଦଟିକୁ ଗ୍ରହଣ କରିବା ପାଇଁ କିଛି ସମୟ ଲାଗିଲା । ବିଶ୍ୱାସ ଆସୁନଥିଲା ଯେ ସେ ଚାଲିଯିବେ ବୋଲି । ଶାରୀରିକ ଚେହେରା ଦୃଷ୍ଟିରୁ ସେ ସୁସ୍ଥ ଥିଲେ । ବ୍ୟକ୍ତିତ୍ୱ ଓ ତାଙ୍କର ଶାରୀରିକ ଗଠନ ବଡ଼ ଆକର୍ଷଣୀୟ, ବେଶ୍ ଉଚ୍ଚ, ହୃଷ୍ଟପୁଷ୍ଟ, ସିଧାସଳଖ । ଏଇ ଦୁଇବର୍ଷ ହେବ ଦେଖା ହେଉନଥିଲା । ସେ ବି ଖୋର୍ଦ୍ଧାକୁ ଆସୁନଥିଲେ । ଖୋର୍ଦ୍ଧାରେ ମା', ସାନଭାଇ, ଭାଇବୋହୂ, ଝିଆରୀ, ପୁତୁରାମାନଙ୍କୁ ଦେଖିବା ପାଇଁ ଦି ଦିନରେ ଥରେ ଆସୁଥିଲେ । ନିଜର ଅସୁସ୍ଥତା ପାଇଁ ଯିବା ଆସିବା ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡିଥିଲା ।

ଅରବିନ୍ଦ ନାଥ ମିତ୍ରଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗକୁ ବିଚାର କରି ତାଙ୍କ ବିଷୟରେ କିଛି କହିବା କଷ୍ଟକର ବ୍ୟାପାର । ଯେଉଁଠି କାମ କରୁଥିଲେ ପ୍ରାୟ ଚମତ୍କାରିତା ପ୍ରଦର୍ଶନ କରୁଥିଲେ । ଅତି ସ୍ପଷ୍ଟବାଦୀ, ବନ୍ଧୁବତ୍ସଳ, ଅନମନୀୟ ଓ ନମନୀୟ ମଧ୍ୟ । ଅତୀତରେ ଖୋର୍ଦ୍ଧା କଲେଜର ଛାତ୍ରସଂସଦର ସଭାପତି ଥିଲେ । କଲେଜର ପ୍ରାଣ ପ୍ରତିଷ୍ଠାତାଙ୍କ ସହିତ ଆନ୍ତରିକତା, ପୁଣି ଛାତ୍ର ଛାତ୍ରୀମାନଙ୍କର ଦାବିପୂରଣ କରିବା ପାଇଁ ସଂଘର୍ଷ । ଅତି ଧାବମାନ ବ୍ୟକ୍ତିତ୍ୱ । କେଉଁଠି ହେଲେବି କିଏବି ପୂର୍ଣ୍ଣଚ୍ଛେଦ ପକାଇ ପାରିବେ ନାହିଁ । ଓଏ.ଏସ.ପି ବାଟାଲିଅନର କମାଣ୍ଡାଣ୍ଟ, ରାଜ୍ୟ ସରକାରଙ୍କର ଡାଇରେକ୍ଟର କ୍ରିଡା, ଟ୍ରାଫିକ୍ ସ୍କୁଲର ଅଧ୍ୟକ୍ଷ ଭାବରେ ସେ ଏତେ ପରିଚିତ ଓ ପ୍ରସିଦ୍ଧି ଲାଭ କରିଥିଲେ ଯେ କେହି ତାଙ୍କୁ ଖୁଣି ପାରିବେ ନାହିଁ । ସମୟ ଆସିଲେ ଜଣେ ଦିବଂଗତ ହୋଇଯିବେ, ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ । ତାଙ୍କୁ ସେଦିନ (ମୃତ୍ୟୁର ଶେଷ ନିଶ୍ୱାସ ତ୍ୟାଗ କଲାବେଳେ) ୭୯ ବର୍ଷ ହୋଇଥିଲା । ମରଶରୀର ଭୁବନେଶ୍ୱରରୁ ଖୋର୍ଦ୍ଧା ଆସିଥିଲା । ତା'ପରଦିନ ଅତି ପ୍ରତ୍ୟୁଷରୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ ହେଲା । ତାଙ୍କର ଆତ୍ମା ଓ ମରଶରୀର ପଞ୍ଚଭୂତରେ ଲୀନ ହୋଇଗଲା । ଖୋର୍ଦ୍ଧାରେ କିଛି ସମୟ ପାଇଁ ତାଙ୍କର ମରଶରୀର ତାଙ୍କ ବାସଭବନ ସ୍ଥିତ ରୁମରେ ଶୋଇ ରହିଥିଲେ । ସବୁ ବର୍ଗର ଲୋକମାନେ ଶେଷଦର୍ଶନ ପାଇଁ ଆସିଥିଲେ । ପରିବାର ସହିତ ଯିଏବି ଯୋଡି ହୋଇଥିଲେ ଜ୍ଞାତି, ବନ୍ଧୁ ବାନ୍ଧବ, ପ୍ରାକ୍ତନ ବିଧାୟକ ଶ୍ରୀ ରାଜେନ୍ଦ୍ର କୁମାର ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଶ୍ରୀ ଅଭିଷେକ ସିଂ ସାମନ୍ତ, ଖୋର୍ଦ୍ଧା ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶ୍ରୀ ସୌମ୍ୟରଞ୍ଜନ ମହାନ୍ତି, ନୟାଗଡ଼ର ପ୍ରାକ୍ତନ ଏସପି ଶ୍ରୀ ଦେବପ୍ରସାଦ ମଜୁମଦାର, ଯୁବ ସମାଜସେବୀ ଶ୍ରୀ ସଂଜୟ ପଟ୍ଟନାୟକ, ଡ.ଦିଲ୍ଲୀପ ଶ୍ରୀଚନ୍ଦନ, ଶ୍ରୀ ନରେନ୍ଦ୍ର ପୃଷ୍ଟି, କ୍ଲବର ଉପସଭାପତି ଶ୍ରୀ ବାବୁ ପଟ୍ଟନାୟକ ଏମିତି ଅନେକ ବ୍ୟକ୍ତି ଦୁଃଖରେ ଭାଙ୍ଗି ପଡିଥିଲେ, ତାହା ଏବେବି ଅବର୍ଣ୍ଣନୀୟ ହୋଇ ରହିଛି ।

ଖୋର୍ଦ୍ଧାର ବର୍ତ୍ତମାନର ବିଧାୟକ ଅତି ମର୍ମସ୍ପର୍ଶୀ ବାର୍ତ୍ତାଟିଏ ପଠାଇଥିଲେ। ପ୍ରାଣନାଥ କଲେଜର ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ.ନନ୍ଦିତା ଛୋଟରାୟ, ଡ.ପ୍ରିୟବ୍ରତ ମହାନ୍ତି। ମରଶରୀର ବିଦାୟ ନେବା ପୂର୍ବରୁ ସେଠି ପ୍ରକାଶ ପାଇଥିବା ଶୋକର ଉଚ୍ଛ୍ୱାସ ସମସ୍ତଙ୍କର ହୃଦୟ ଛୁଇଁଥିଲା।

ଶିବୁ ତଥା ଅରବିନ୍ଦଙ୍କର ସାନଭାଇ ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ପରିବାର ଦୁଃଖରେ ମ୍ରିୟମାଣ ହୋଇ ଯାଇଥିଲେ। ଦୁଇ ଭାଇଙ୍କର ସଂପର୍କ ଅତି ନିବିଡ଼। ଭାଇର ଶବ ପାଖରେ ବସି ଜିତୁ ମିତ୍ର ଲୁହ ଗଡାଉ ଥାଆନ୍ତି। ଉଭୟ ଭାଇ ପରସ୍ପରକୁ ଭଲ ପାଆନ୍ତି। ଏପରି ନିବିଡତା କ୍ୱଚିତ ଦେଖାଯାଇ ଥାଏ।

ସ୍ମୃତିରେ ଅଛି, ମୁଁ ଭୁବେନଶ୍ୱରରେ ଶ୍ରୀ ଜିତୁ ମିତ୍ରଙ୍କ ସହିତ ଗୋଟିଏ ସାମାଜିକ ଭୋଜିରେ ଯୋଗ ଦେବାକୁ ଯାଇଥାଏ। ଜିତୁ ମିତ୍ର ବ୍ୟସ୍ତ ଥାଆନ୍ତି। ସେ କହୁଥାଆନ୍ତି ଦାଦାକୁ ନେଇକରି ଯିବା, ସେ ଉପବାସରେ ରହିଯିବ। ରାତ୍ରିର ମଧ୍ୟ ଭାଗରେ ତାଙ୍କ ବାସଭାବନକୁ ଯାଇ ଜିତୁ ତା ଦାଦାକୁ ଭୋଜି ପାଇଁ ଡାକି ଆଣିଲେ ଓ ଖୁଆଇ ପିଆଇ ତାଙ୍କୁ ଛାଡି ଆସିଥିଲେ। ତାଙ୍କ ମା'କୁ ୯୧ ବର୍ଷ ହେଲାଣି। ଶିବୁର ଶବ ନିକଟରେ ଠିଆହୋଇ ଶୋକ ବ୍ୟକ୍ତ କରିବା, ତାକୁ ସହି ନେବା ବଡ଼ ଦୁର୍ବିସହ ଥିଲା। ମୁଁ ଶିବୁକୁ ତା ଛାତ୍ରାବସ୍ଥାରୁ ଜାଣିଛି। ମୁଁ କଲେଜରେ ଏନ.ସି.ସି ଅଫିସର ଥାଏ। ଶିବୁ ମୋର ଶିକ୍ଷାର୍ଥୀ। ଜଣେ ଏନ.ସି.ସି ଶିକ୍ଷାର୍ଥୀ ଭାବରେ ସେ ମଧ୍ୟ ଅନେକ କଥାରେ ଦୃଷ୍ଟାନ୍ତମାନ ସମ୍ମୁଖକୁ ଆଣିଛି। ସ୍ମୃତିରେ ଅଛି, ମୁଁ ଅପରାହ୍ଣରେ ଏନ.ସି.ସି. କ୍ଲାସକୁ ଯିବି। ସେ ମୋର ପୋଷାକପତ୍ର ସଜାଡି କଲେଜ ଯାଇ ମୋତେ କଲେଜରେ କହିଥାଏ ଆପଣଙ୍କର ପୋଷାକପତ୍ର ପ୍ରସ୍ତୁତ କରିଦେଇ ଆସିଛି, ଆପଣ ଘରକୁ ଯାଇ ପିନ୍ଧି ଆସନ୍ତୁ। ନିଷ୍ଠା ଥିବା ସେ ଜଣେ କ୍ୟାଡେଟ୍। ତା ଅଫିସର ମଧ୍ୟ ସବୁଥିରେ ନମ୍ବର ଏକ ହେବ। ନିଜ କ୍ୟାଡେଟ୍‌ମାନଙ୍କ ନିକଟରେ ଅତି ନିଷ୍ଠାପର ହେବ। ଏନ.ସି.ସି. ଟ୍ରେନିଂର ସବୁ ପର୍ଯ୍ୟାୟରେ ସେ ଏକ ସ୍ଥାନ ଅଧିକାର କରିଥାଏ। ସବୁ ପରୀକ୍ଷାରେ ଶତକଡ଼ା ଶହେମାର୍କ ରଖେ। ତାର ଆନ୍ତରିକ ଇଚ୍ଛା ଥିଲା, ସେ ସାମରିକ ବାହିନୀରେ ଯିବ। କିନ୍ତୁ ତାଙ୍କର ପୂଜ୍ୟପିତା ଏହା ଚାହୁଁ ନଥିଲେ। ସେ କିନ୍ତୁ ଏନ.ସି.ସି. ଟ୍ରେନିଂ ପାଇଁ ପୋଲିସର ଗୋଟିଏ ମର୍ଯ୍ୟାଦା ଜନକ ପଦଟିଏ ଲାଭକଲା। ସେଥିରେ ସବୁବେଳେ ସନ୍ତୋଷର ସହିତ କାମ କରିଥିଲା। ପୋଲିସ କାମ ପାଇଁ ଦିନ ଦିନ ମାସ ମାସ ଜଙ୍ଗଲ ପାହାଡରେ ବୁଲୁଥାଏ। ତା କାମ ବାଟରେ କେହି ବାଧକ ସାଜିବେ ନାହିଁ। ନକ୍ସଲ ବିରୋଧୀ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେଉଥାଏ।

ପ୍ରାଣନାଥ ସ୍ୱୟଂଶାସିତ କଲେଜର ଏନ.ସି.ସି ର ପ୍ରାକ୍ତନ ଛାତ୍ର ଭାବରେ ସେ ଏନ.ସି.ସି. ପାଇଁ ହୃଦୟରେ ଅତି ସ୍ନେହ, ଶ୍ରଦ୍ଧା ଥିବାର ଲକ୍ଷ୍ୟ କରାଯାଏ। ଥରେ ଆମ୍ଭେମାନେ ବର୍ତ୍ତମାନ ଛାତ୍ର ଛାତ୍ରୀଙ୍କୁ କିପରି ମଧ୍ୟାହ୍ନ ଭୋଜନ ଦେବାକଥା ବିଚାର କରୁଥିଲୁ। ସେଇ ଦିନଠାରୁ ଏନ.ସି.ସି. ଦିବସ ପାଳନ ବହୁ ପୂର୍ବରୁ ବେଶ ଆଖି ଦୃଶିଆ ପରିମାଣର ଅର୍ଥ ଦେଇଥାଏ। ତାର ପୁରାତନ ବନ୍ଧୁମାନଙ୍କଠାରୁ ଶୁଣେ କଣ କେମିତି ଏନ.ସି.ସି. ଦିବସ ପାଳନ ହେଉଛି। ସମସ୍ତେ ମଧ୍ୟାହ୍ନ ଭୋଜନରେ ଯୋଗ ଦେଲେ କି ନାହିଁ।

ଆଉ ଗୋଟିଏ କଥା ତା ବିଷୟରେ- ଛାତ୍ର ସଂସଦରେ ସଭାପତି ଭାବରେ ସେ ଅତି ଜନପ୍ରିୟ ଥିଲା। ତାର ଛୁଟି ସମୟରେ ଏପରିକି ଚାକିରି କଲାପରେ ମଧ୍ୟ ଅବସର ଜୀବନ ବିତାଇବା ସମୟରେ ସେ ଘରକୁ ଘର ଯାଇ ସମସ୍ତଙ୍କ ସାଙ୍ଗରେ ଅନ୍ତରର ସହିତ ସଂପର୍କ ରଖୁଥିଲା। ସେମାନଙ୍କର ବିପଦ ଆପଦରେ ସାହାଯ୍ୟ କରୁଥିଲା। ଏବେ ସେମାନେ ଶିବୁକୁ ଝୁରିହେବେ। ସେମାନେ ଭାବିହେବେ କିଏ ସେମାନଙ୍କୁ ସାହାଯ୍ୟ କରିବ। ଦୁର୍ଦ୍ଦିନରେ କିଏ ତାଙ୍କୁ ସାହାଯ୍ୟ ହେବ। ଅନେକ ହୁଏତ ଜାଣି ନଥିବେ ଯେ ଶିବୁର ଗୋଟିଏ ସାହିତ୍ୟିକ ଜୀବନଟିଏ ତା ଭିତରେ ଲୁଚି ରହିଥିଲା। କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ସେ ଲେଖା ଲେଖି କରେ। କାହାକୁ କହେନାହିଁ। ଏବେ ଗୋଟିଏ ବହି 'ଅର୍ଦ୍ଧଚନ୍ଦ୍ର' ପ୍ରକାଶିତ ହେବ। ଏହି ବହିଟି ତାଙ୍କ ପରରିବାର ଇଷ୍ଟଦେବୀ ମା ଭଗବତୀ ମନ୍ଦିର (କଣ୍ଟାବାଡରେ)ଲୋକାର୍ପିତ ଥିଲା। ବର୍ତ୍ତମାନ କିନ୍ତୁ ଏପରି ଶୋକାକୁଳ ଅବସ୍ଥା ସୃଷ୍ଟି ହୋଇଛି

ଯେ କଣ୍ଠାବାଡରେ ଉନ୍ନୋଚିତ ହୋଇପାରିବ ନାହିଁ। ସ୍ୱର୍ଗତ ଅବନୀ କୁମାର ବରାଳ (ଶିବୁର ଅତିପ୍ରିୟ ଅଧ୍ୟାପକ ଥିଲେ)। ତାଙ୍କ ପୁଅ ନାନୁ 'ଅଧଜହ୍ନ' ପୁସ୍ତକଟି ପ୍ରକାଶନର ଦାୟିତ୍ୱ ନେଇଥିଲେ। ସେ ୩/୪ ଦିନ ତଳେ ପ୍ରସ୍ତାବ ଦେଲେ ଯେ ଏ ବହିଟି ୪.୪.୨୦୨୬ ରେ ଶିବୁର ଚତୁର୍ଦ୍ଦଶ କ୍ରିୟାଦିନ ଲୋକାର୍ପିତ ହେଉ। ସମସ୍ତେ ଏପରି ପ୍ରସ୍ତାବଟିକୁ ସ୍ୱାଗତ କରିଛନ୍ତି। ଏତେ କାମ କରି ଏତେ ବଡ଼ ବହିଟିଏ କିପରି ଲେଖି ପାରିଲା ଏକଥା ସମସ୍ତଙ୍କୁ ବିସ୍ମିତ କରୁଛି।

ଅନ୍ୟମାନଙ୍କୁ ବିପଦ ଆପଦରେ ସାହାଯ୍ୟ କରିବା ତା ପାଇଁ ଗୋଟିଏ ଆହ୍ୱାନ ଥିଲା। ସେ କହିଥାଏ (ନାମ କମାଇବା ପାଇଁ କହେନାହିଁ) ସେ କଣ କାହାକୁ ସାହାଯ୍ୟ କରୁଛି। ମୁଁ ତା ଶିକ୍ଷକ ଥିଲି। ଏଣୁ ମୁଁ ତାର କାର୍ଯ୍ୟକୁ ସମୀକ୍ଷାକରି ନମ୍ବର ଦେଇଥାଏ। ସବୁବେଳେ ୧୦୦ ରୁ ୧୦୦ ଦେଇଥାଏ ଶିବୁ ସେଇପରି ଛାତ୍ରଟିଏ। ଆମ ରାଜ୍ୟରେ ଓ ଦେଶରେ ଅନେକ ପ୍ରତିଯୋଗିତାରେ ସେ ପ୍ରଥମ। ଗୁଳି ଫୁଟାଇବା ପ୍ରତିଯୋଗିତାରେ ସେ ସବୁବେଳେ ପ୍ରଥମ। 'ବେଷ୍ଟ ସଟ' ବୋଲି ସବୁବେଳେ ବିବେଚିତ ହୋଇଥାଏ।

ତାର ବିୟୋଗ ଖୋର୍ଦ୍ଧା ସହର, ଭୁବନେଶ୍ୱର ଓ ପାଖଆଖ ଅଞ୍ଚଳରେ ଏପରି ଶୂନ୍ୟତା ସୃଷ୍ଟି କରିଛି ଯେ ତାହା ସହଜରେ ପୂରଣ ହୋଇପାରିବ ନାହିଁ। ପରିବାରର ସମସ୍ତେ ଲୁହ ଗଡାଉଛନ୍ତି। ସେ ତ ଆଉ ଆସିବ ନାହିଁ। ତଥାପି ପରିବାର ଋହେଁ ସେ ପୁଣି ଆସନ୍ତା ବର୍ଷ ଆସିବ, ପରଲୋକର କେତେ କଥା କହିବ। କିନ୍ତୁ ପରିବାର ସବୁବେଳେ ଋହିଁବ ଯେ ଅରବିନ୍ଦ ନାଥ ମିତ୍ର ଆଲିୟାସ 'ଶିବୁ' ହୋଇ ରହୁ। ତାର କୌଣସି ପରିବର୍ତ୍ତନ ପରିବାର ଋହେଁ ନାହିଁ। ସେମାନଙ୍କର ଆଶା ପରଲୋକରୁ ସେମିତି ଫେରିଆସୁ, ସେମିତି ସେ ଯାଇଥିଲା। ପରିବାରର ଏପରି ଇଚ୍ଛା ପୁରଣ ହେବ କି ନାହିଁ। କିନ୍ତୁ ସେ ଆସିବ। ସମସ୍ତଙ୍କ ମଧ୍ୟରେ ଜଣେ ହୋଇ ଠିଆ ହୋଇ ରହିବ।



# ମୃତ୍ୟୁ ଭୟଙ୍କର କିନ୍ତୁ ସତ୍ୟ

## ଜ୍ୟୋତିରିନ୍ଦ୍ର ନାଥ ମିତ୍ର

ମୋ ଦାଦା ଦିବଂଗତ ଅରବିନ୍ଦ୍ର ନାଥ ମିତ୍ର ଆମ୍ଭମାନଙ୍କୁ ଦାଦା ଛେଉଣ୍ଡ କରି ଚାଲିଗଲେ । ଦାଦା ଓ ମୁଁ ପରସ୍ପର ପ୍ରତି ଏତେ ନିବିଡ଼ ଥିଲୁ ଯେ ଦାଦା ଚାଲିଯିବା କଥାଟିକୁ ସହ୍ୟକରି ହେଉନାହିଁ । ଆମର ଛୋଟ ପରିବାର, ୨ ଜଣ ଭାଇ ୩ ଜଣ ଭଉଣୀ, ବାପା, ଆଉ ମା । ଏଇ ଛୋଟ ପରିବାରର ଆଦର୍ଶରେ ଆମେ ବଢ଼ିଛୁ ଏବଂ ତାଗିଦ୍ ସହିଛୁ । ଆଉ ସବୁକଥା ତାଙ୍କର ମାନି ହୁଏନାହିଁ । ବେଳେବେଳେ ଅବାଧ ହେଉ । ପୁଣି ତାଙ୍କ ପାଦରେ ମୁଣ୍ଡିଆ ମାରିବା, କ୍ଷମା ପ୍ରାର୍ଥନା କରିବା କଥା ମନକୁ ମନ ଆସେ । ସବୁ ପୁଣି ଭୁଲିଯାଉ ।

ଆମେ ଉଭୟେ ନିଜ ନିଜ କ୍ଷେତ୍ରରେ ଯୋଗ୍ୟ ହେଉଛୁ । ଆମ୍ଭେମାନେ ଆମ ଅଭିଜ୍ଞତା ନିଜ ଭିତରେ ବାଣ୍ଟି ନେଉ । ବାପାଙ୍କର କମି ନଥିଲା । ଆମକୁ ଧନୀଘର ପିଲାଙ୍କ ପରି ଲାଳନ ପାଳନ କରିଥାଆନ୍ତି । ସେଇ କଥାଟି ଆମ ଉଭୟ ଭାଇକୁ ପ୍ରଭାବିତ କରିଛି । ଆମେ ଆମ ଛୁଆମାନଙ୍କୁ ମଧ୍ୟ ଅତି ଆକର୍ଷଣୀୟ ଢଙ୍ଗରେ ପାଳି ଆସିଛୁ । ଦାଦା, ବାବା ଓ ମୁଁ ସକାଳୁ ସକାଳୁ ମୁଢ଼ି ଜଳଖିଆ ଖାଉଥିଲୁ । ଏବେ ଆମ ପିଲାମାନେ ମୁଢ଼ିକୁ ପ୍ରାତଃଭୋଜନ ବୋଲି ଗ୍ରହଣ କରିବେ ନାହିଁ । ସେଦିନ ଦାଦାର ମରଶରୀର ଘରେ ପହଞ୍ଚିଲା । ଦାଦାକୁ ଅନାଇ ବସିଥାଏ । ମଧ୍ୟରାତ୍ରୀ ହୋଇଗଲାଣି । ମରଶରୀର ଆସିଲା ମୁଁ ବସିଥିବା ସ୍ଥାନରେ ଦାଦାର ମରଶରୀରକୁ ରଖାଗଲା । ମୁଁ କାନ୍ଦିଲି କିଏ ଦେଖୁଥିଲେ, କଣ ଦେଖୁଥିଲେ, ମୁଁ କିନ୍ତୁ କାନ୍ଦୁଥିଲି । ମନରେ ଭୟଙ୍କର ନିଃସଙ୍ଗତା ପ୍ରକାଶ ପାଉଥାଏ । ମୁଁ ଭାବୁଥିଲି, ମୁଁ ଏକୁଟିଆ ହୋଇଗଲି । ମୋ ବିପଦ ଆପଦରେ କିଏ ମୋ ପିଠିରେ ହାତମାରି, ପିଠି ଥାପୁଡାଇ ବୁଝାଇବ । ଚାଲ ଆଗକୁ ସବୁ ଠିକ୍ ହୋଇଯିବ । ଦାଦା ଅନେକ କଷ୍ଟ ପାଇଛନ୍ତି । ସବୁବେଳେ ଆଶା କରୁଥିବେ ମୁଁ ଅଛି, ତାଙ୍କ ପାଖରେ ଠିଆ ହୋଇଯିବି । ଆମ ଛୁଆମାନେ ଆମ ଉଭୟଙ୍କୁ ଅନାନ୍ତି । ତାଙ୍କର ଆମପ୍ରତି ଭୟ ଥିବ । କେବେ ତାଙ୍କୁ ଭୟଭିତ ହେବାକୁ ଦେଇନାହୁଁ । ସେଦିନ ବସିଥାଏ । ଦାଦାଙ୍କୁ ଶୁଆଇ ଦେଇଥାଆନ୍ତି । ପୁରୀ ସ୍ୱର୍ଗଦ୍ୱାରକୁ ସତ୍‌କାର ପାଇଁ ଯିବି । ମା ଅସୁସ୍ଥ । ସେ ବି ସେଇ ଘରକୁ ଆସିଲେ । କଣ ମନକୁ ମନ କହୁଥିଲେ । ହୁଏତ ଭାବୁଥିବେ କୋକେଇର ଗୋଟିଏ ପାଖ ଖାଲି ହୋଇଗଲା । ଦାଦାର କାନ୍ଧ ନାହିଁ । କିଏ କୋଳେଇବ । ମୁଁ ଅବଶ୍ୟ ଅଛି, ଭଉଣୀମାନେ ଅଛନ୍ତି, ପୁଅ, ପୁତୁରା, ଝିଅ ଓ ଝିଆରୀମାନେ ଅଛନ୍ତି ।

ଦାଦାଙ୍କୁ ୭୯ ବର୍ଷ । ମୋତେ ୭୫ ବର୍ଷ । ମା'କୁ ୯୧ ବର୍ଷ । ଲମ୍ବାବାଟ ଚାଲିଛୁ । ଆହୁରି ଚାଲିବୁ । ଏଇ ଭରସା ନେଇ ଦାଦା ରଣପୁର ଜଙ୍ଗଲରେ ନକ୍ସଲାଇଟଙ୍କୁ ଖୋଜିଛି । ଅତି ଦୂରୁହ କର୍ମ । ମୁଁ ହାରିଛି, ଜିତିଛି, କିନ୍ତୁ ବିଧାୟକ ହୋଇଛି । ଏନ.ଏ.ସି. ଓ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ହୋଇଛି । କେହି କାହା ସହିତ ଛାଡ଼ିନୁ । ମା' ଭଗବତୀ ଆମକୁ ସହାୟ ହୋଇଛନ୍ତି । ମା ଭଗବତୀ କଣ ଦାଦାଙ୍କୁ ଫେରାଇ ଦିଅନ୍ତେ ନାହିଁ । ସ୍ୱର୍ଗପରି ଆମ ଘର । ସହରର ସବୁଠୁ ଚିକ୍‌ଚକ୍ ପରି ଏବେ କ୍ରମେ ଏଇ ଘର ମଇଳା ଜମିବ । ଦାଦା ଆଉ ଫେରିବେ ନାହିଁ । ଅପରିଷ୍କାର ଘରକୁ କାହିଁକି ଫେରିବେ ? ଭଗବାନ ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ସହାୟ ହୁଅନ୍ତୁ । ମୁଁ ଏକା ଘରକୁ ସଫା କରିପାରିବି ନାହିଁ ।

# ଝଡ଼ର ଇଗଲ ଧରଣୀର କୃଷ୍ଣସାର

## ଟୁକୁନା

ଅସୁବିଧାଗ୍ରସ୍ତ ମଣିଷକୁ ଚିହ୍ନି ପାରୁଥିବା, ଅନୁଭୂତି ସଂମ୍ପୂର୍ଣ୍ଣ ମଣିଷଟିଏ, ଦକ୍ଷତାକୁ ଚିହ୍ନି ପାରୁଥିବା କଷଟି ପଥରଟିଏ। ଅଧିକା କଥା କହୁ ନଥିବା, କାମରେ ବିଶ୍ୱାସ କରୁଥିବା ମିଛକ ମଣିଷଟିଏ ହେଉଛନ୍ତି ଅରବିନ୍ଦ ନାଥ ମିତ୍ର।

ସେ ବିଚାର ହେଉଛି ନିଜର କର୍ତ୍ତବ୍ୟ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ମନୋଭାବ ପ୍ରଦର୍ଶନ। ପର ଆପଣାର ଭେଦଭାବ ନରଖି ସଭିଙ୍କୁ ଖୋଲା ହୃଦୟରେ ଭଲ ପାଉଥିବା, ପରଉପକାର ବା ଅନ୍ୟର ସେବାପାଇଁ ନିଜକୁ ନିୟୋଜିତ କରିବା ଅସହାୟ ଲୋକଙ୍କ ସମସ୍ୟାର ସମାଧାନ ଲାଗି ଦରଦୀ ମନୋଭାବ ପ୍ରଦର୍ଶନ ଏବଂ ବ୍ୟକ୍ତିଗତ ସାର୍ଥକକୁ ଜଳାଞ୍ଜଳୀ ଦେଇ ସମୂହ ସ୍ୱାର୍ଥ ହାସଲ ନିମନ୍ତେ ତତ୍ପରତା ପ୍ରକାଶ କରିବା। ଏହି ସବୁ ବିଚାର ପାଇଁ ଖୋରଧା ସହରର ସବୁ ମହଲରେ ପ୍ରିୟ ଭାଇ ହୋଇ ପାରିଥିଲେ।

ଖୋର୍ଦ୍ଧା କ୍ଲବର ସଂସ୍କାର, ଯୁବମାନସରେ କ୍ଲବ ମାନସିକତା ଉଦବୃଦ୍ଧ କରିବାରେ ଯେଉଁ ବଳିଷ୍ଠ ପଦକ୍ଷେପ ନେଇଥିଲେ ତାହା ସ୍ମରଣୀ। ତାଙ୍କର ଅକୁଣ୍ଠ ସହଯୋଗ ସଂସ୍କାର ବାଦିତା ଆମକୁ ଆଜି ପର୍ଯ୍ୟନ୍ତ ଦିଗ୍‌ଦର୍ଶନ ଦେଉଛି। ତାଙ୍କପରି ଜଣେ ସଫଳ ବ୍ୟକ୍ତିତ୍ୱର ଶୂନ୍ୟତା ଆମକୁ ଦିଗହରା କରିଛି। ତାଙ୍କର ଶୂନ୍ୟତା ଆମ୍ଭମାନଙ୍କୁ ଏକପ୍ରକାର ଜଡ଼ ଓ ସ୍ଥାଣୁରେ ପରିଣତ କରିଦେଇଛି ଆମେ ଏହି ଚିରନ୍ତନ ସତ୍ୟକୁ ବରଦାସ୍ତ କରିପାରୁନି କିମ୍ବା ବିଶ୍ୱାସ କରିପାରୁନୁ ତଥାପି ଯାହା ସତ୍ୟ ତାକୁ ଭଙ୍ଗା ହୃଦୟରେ ଗ୍ରହଣ କରିବାକୁ ଆମେ ବାଧ୍ୟ। ତାଙ୍କ ବ୍ୟକ୍ତିଗତ ଜୀବନଠାରୁ ଭାଗବତ ଜୀବନ ସବୁଠି ଭରି ରହିଛି ପ୍ରେରଣା। ସବୁଠି ଭରି ରହିଛି ନବ ଉନ୍ମେଷଶାଳିନୀ ପ୍ରଜ୍ଞା। ତାଙ୍କର ବ୍ୟକ୍ତିତ୍ୱ ଜଣେ ସାମର୍ଥ୍ୟ ମଣିଷ ପାଇଁ ଶ୍ରଦ୍ଧା ସୁମନର ପ୍ରୀତି ଉପହାର ଆପଣଙ୍କ ଜୀବନଦର୍ଶନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଉଛି। ଏ ଦୁଃଖ ସମୟରେ ପ୍ରଭୁ ପରିବାର ବର୍ଗକୁ ଅସିମ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ।

**ସାନଭାଇ**

**ମୋ-୯୪୩୭୪୧୩୨୯୬**

# ଖୋରଧା କ୍ଲବର ଅଭିନବ ଇନ୍ଦ୍ରଦ୍ୟୁମ୍ନ

ଜଣେ ବ୍ୟକ୍ତିର ସମଗ୍ର ଗୁଣାବଳୀକୁ ନେଇ ତାର ବ୍ୟକ୍ତିତ୍ୱର ପରିପ୍ରକାଶ ହୋଇଥାଏ। ଆଉ ବ୍ୟକ୍ତିତ୍ୱରେ (ବ୍ୟବହାର) ବେଶ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ବ୍ୟବହାର ବ୍ୟକ୍ତିତ୍ୱକୁ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ପ୍ରଦାନ କରିଥାଏ। ଏହି ବ୍ୟବହାର ପାଇଁ ହିଁ ବ୍ୟକ୍ତି ତାର ଜୀବିତା ବସ୍ଥାରେ ଏବଂ ମୃତ୍ୟୁ ପରେ ମଧ୍ୟ ସ୍ମରଣୀୟ ହୋଇ ରହିଥାଏ। ବ୍ୟକ୍ତିର ଭଲମନ୍ଦ ଉଭୟ ଗୁଣ ତାର ବ୍ୟବହାରରେ ହିଁ ପ୍ରତିଫଳିତ ହୋଇଥାଏ। ଯେଉଁ ବ୍ୟକ୍ତିର ମୃତ୍ୟୁରେ ସମସ୍ତେ ଦୁଃଖିତ ହୁଅନ୍ତି ତାଙ୍କ ବିଷୟରେ ଅଧିକ କିଛି କହିବାର ଆବଶ୍ୟକତା ନଥାଏ, ସେହିଭଳି ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହେଉଛନ୍ତି ଅରବିନ୍ଦ ନାଥ ମିତ୍ର।

ସେହି ମହାନ୍ ସାଧକଙ୍କ ବିୟୋଗରେ ଆମେ (ଖୋରଧା କ୍ଲବର ସମସ୍ତ ସଦସ୍ୟ) ତାଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

**ଖୋରଧା କ୍ଲବର ସମସ୍ତ ସଦସ୍ୟବୃନ୍ଦ**

# ନିଛକ ଅନୁଭୂତି ସଂଦର୍ଣ୍ଣ ମଣିଷ

## ଶରତ ଚନ୍ଦ୍ର ସାହୁ

. ତାଙ୍କର ନୀତି ଆଦର୍ଶ ନିଶ୍ଚିତ ଭାବରେ ସମସ୍ତଙ୍କ ପାଇଁ ଆଲୋକ ବର୍ତ୍ତିକା ।

. ଦୃଢ ସଂଗଠକ, ଅନେକ ଅନୁଷ୍ଠାନର ଉଦ୍ୟୋକ୍ତା ।

. ସମାଜ ସେବାରେ ତାଙ୍କର ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗୀକୃତ ।

. ଅଧିକ କଥା କହୁ ନଥିବା କାମରେ ବିଶ୍ୱାସ କରୁଥିବା ନିଚ୍‌କ ମଣିଷଟିଏ ।

.ସାମ୍ୟବାଦୀ ଦର୍ଶନ ଓ ଚିନ୍ତାଧାରାରେ ଅନୁପ୍ରାଣିତ ।

. ନିଜର ନିର୍ଭିକ କାର୍ଯ୍ୟଦକ୍ଷତା ପ୍ରତିପାଦନ କରି ସର୍ବୋପରି ସେ ହେଉଛନ୍ତି, ଖୋରଧା କ୍ଲବର ଅଭିନବ, ସିବେଇ ସାମନ୍ତରାୟ ଯାହାକୁ କହିବା କଷ୍ଟ ଯାହାଙ୍କ ସାଧନାକୁ ମାପିବା କଷ୍ଟ ସେ ହେଉଛନ୍ତି ଖୋରଧା କ୍ଲବ ଖୋରଧାକୁ ଭଲ ପାଉଥିବା ମଣିଷଟିଏ ଅରବିନ୍ଦ ନାଥ ମିତ୍ର ତୁମର ଗୁଣମୁଗ୍ଧ ।

**କୋଷାଧ୍ୟକ୍ଷ**

**ଖୋରଧା କ୍ଲବ**

# ସାଥୀ ଅରବିନ୍ଦ ପାଇଁ ଶୋକାଞ୍ଜଳି

## ବୈକୁଣ୍ଠ ନାଥ ରାଜଗୁରୁ

ଶ୍ରଦ୍ଧେୟ ଜିତୁ ବାବୁ,

ଅରବିନ୍ଦଙ୍କର ଦେହାନ୍ତ ଖବର ଶୁଣି ମୁଁ ମର୍ମାହତ । ଆଜି ମୁଁ ମୋର ଜଣେ ଅନ୍ତରଙ୍ଗ ବାଲ୍ୟବନ୍ଧୁଙ୍କୁ ହରେଇବାର ଖବର ପାଇଁ ଶୋକାଭିଭୂତ ହୋଇ ପଡିଛି । ଖୋରଧା ବି.ଜେ.ବି ହାଇସ୍କୁଲରେ ଦୀର୍ଘ ଛଅବର୍ଷର ସାଙ୍ଗସାଥୀ, ଖେଳ କୌତୁକ, ମଜାମସ୍ତି ସବୁ ଆଜି ଗୋଟି ଗୋଟି ହୋଇ ମାନସପଟରେ ପ୍ରତିଫଳିତ । ଏଇ ଶେଷ ପନ୍ଦର ବର୍ଷରେ ତାଙ୍କ ନେତୃତ୍ୱରେ ସେଇ ଆମ ସ୍କୁଲର ଉନ୍ନତି ପାଇଁ କେତେ ବିଚାର, କେତେ ଆଲୋଚନା ସେ ସବୁର ଅନେକ ସୁଫଳ ମିଳିବା ସହିତ ଆହୁରି ଅନେକ ଅଧୁରା ରହି ଯାଇଛି । ଆଉ କିଏ ଆମର ନେତୃତ୍ୱ ନେବ ? ପୋଲିସିଆ ଠାଣିର ଯେଉଁ ଦୃଢତା, ସାହସ, ନିର୍ଭିକତା ଓ ନିରଳସ ପଣର ସେ ଯେପରି ଅଧିକାରୀ ଥିଲେ ତାହାର ପଟାନ୍ତର ନାହିଁ । ସବୁ ଆଜି ରହିଯାଇଛି କେବଳ ଝୁରି ହେବାପାଇଁ ।

ଏ ସଂସାରକୁ ଆମେ ଆସିଛେ, ନିଶ୍ଚୟ ଯିବା । କିନ୍ତୁ ସେ ଆଗରେ ଚାଲିଗଲେ ଏହାହିଁ ଦୁଃଖର ବିଷୟ । ସେ ଆଜି ସ୍ୱର୍ଗବାସୀ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା, ତାଙ୍କୁ ସଦ୍‌ଗତି ପ୍ରଦାନ କରନ୍ତୁ, ପରିବାର ବର୍ଗଙ୍କୁ ଏ ଦୁଃଖ ସହିବାର ଧୈର୍ଯ୍ୟ ପ୍ରଦାନ କରନ୍ତୁ ।

# ସ୍ମୃତି ତର୍ପଣ

## ଗଙ୍ଗାଧର ପୃଷ୍ଟି

ସ୍ୱର୍ଗତ ଅରବିନ୍ଦ ନାଥ ମିତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି । ତାଙ୍କର ଦେହାନ୍ତ ୨୨.୩.୨୦୨୬ ତାରିଖ ଦିନ ହେଲା । ଖୋର୍ଦ୍ଧା ବ୍ଲକ ମେସେଜ୍‌ରୁ ତାଙ୍କର ଦେହାନ୍ତ କଥା ଜାଣି ଗଭୀର ଭାବେ ଦୁଃଖୀତ ହେଲି । ତାଙ୍କର ଏକ ସ୍ମରଣିକା ପ୍ରକାଶ ପାଇବାକୁ ଥିବା ଜାଣି ଏଥିରେ ଏକ କ୍ଷୁଦ୍ରଅଂଶ ହୋଇ ନିଜକୁ ଧନ୍ୟମନେ କରୁଛି ।

ଅରବିନ୍ଦ ମୋର ଜଣେ ଅତିପ୍ରିୟ ସାଙ୍ଗ ଥିଲେ । ଆମେ ବି.ଜେ.ବି ହାଇସ୍କୁଲର ଛାତ୍ର ଥିଲୁ ଏବଂ ୧୯୬୪ ବ୍ୟାଚରେ ମାଟ୍ରିକ ପାଶ୍ କରିଥିଲୁ । ସ୍କୁଲରେ ପଢିବା ସମୟରେ ସେ ଏନ.ସି.ସି. ରେ ଭାଗନେଇ ଭଲ ସର୍ଜେଣ୍ଟ ହୋଇଥିଲେ । ଖୋର୍ଦ୍ଧା ପ୍ରାଣନାଥ କଲେଜର P.U.SC ଓ P.P.SC ରେ ଆମେ ସହପାଠୀ ଥିଲୁ । ସେତେବେଳେ ସମସ୍ତ ଛାତ୍ରଙ୍କ ପାଇଁ ଏନ.ସି.ସି. ବଧ୍ୟତାମୂଳକ ଥିଲା । ସେଠାରେ ମଧ୍ୟ ସେ ଭଲ ସର୍ଜେଣ୍ଟ ହିସାବରେ ନାମ କମେଇ ପାରିଥିଲେ । ୧୯୬୪ ମସିହା ଛାତ୍ର ଆନ୍ଦୋଳନରେ ସେ ମଧ୍ୟ ଭଲ ନେତୃତ୍ୱ ନେଇଥିଲେ । ସ୍କୁଲରେ ଭଲ ଫୁଟବଲ ଖେଳାଳୀ ହିସାବରେ ମଧ୍ୟ ତାଙ୍କର ନାମ ରହିଛି ।

ସେ ମଧ୍ୟ ଚାକିରି କ୍ଷେତ୍ରରେ ବହୁତ ଉଚ୍ଚକୁ ଯାଇ ପାରିଥିଲେ । ପୋଲିସ ଟ୍ରେନିଙ୍ଗ କଲେଜରେ ଅଧ୍ୟକ୍ଷ ପଦ ପାଇ ପାରିଥିଲେ । ଅବସର ପରେ ଭୁବନେଶ୍ୱରରେ ରହୁଥିଲେ ମଧ୍ୟ ଖୋର୍ଦ୍ଧାର ଉନ୍ନତି ପାଇଁ ସବୁକ୍ଷେତ୍ରରେ ନିଜକୁ ନିୟୋଜିତ କରୁଥିଲେ । ଖୋର୍ଦ୍ଧା ଜିଲ୍ଲା ଗଠନ କମିଟିର ସେ ସକ୍ରିୟ ସଭ୍ୟ ଥିଲେ । ବି.ଜେ.ବି ହାଇସ୍କୁଲର ଶତବାର୍ଷିକ ଉତ୍ସବ ପାଳନ ଅବସରରେ ପରିଚାଳନା କମିଟିର ମଧ୍ୟ ସେ ଜଣେ ସକ୍ରିୟ ସଭ୍ୟଥିଲେ । ଖୋର୍ଦ୍ଧା କ୍ଲବର ଜଣେ ସଭ୍ୟ ଥିଲେ ଓ କ୍ଲବର ଉନ୍ନତି ପାଇଁ ସବୁବେଳେ ଉତ୍ତମ ପରାମର୍ଶ ଦେଉଥିଲେ । ଖୋର୍ଦ୍ଧାର ସମସ୍ତ କାର୍ଯ୍ୟକଳାପରେ ଯୋଗ ଦେଉଥିଲେ ।

ଜୀବନର ଶେଷ ଅବସ୍ଥାରେ ତାଙ୍କର ଦେହ ଭୀଷଣ ଅସୁସ୍ଥ ରହିଲା । ପୁଣି ପେସମେକର ମଧ୍ୟ ଲାଗିଥିଲା । ଏପରି ଅସୁସ୍ଥତା ସତ୍ତ୍ୱେ ସେ ସେଇଠି ରହି ଖୋର୍ଦ୍ଧାର ଉନ୍ନତି ପାଇଁ ଚେଷ୍ଟାରେ କେବେ ଅବହେଳା କରନ୍ତି ନାହିଁ । ଫୋନ ମାଧ୍ୟମରେ ଖୋର୍ଦ୍ଧାର ସମସ୍ତ ଖବର ବୁଝୁଥିଲେ ଏବଂ ପରାମର୍ଶ ମଧ୍ୟ ଦେଉଥିଲେ ।

ସେ ଥିଲେ ଖୋର୍ଦ୍ଧାର ଗୌରବ । ତାଙ୍କ ବିୟୋଗରେ ଖୋର୍ଦ୍ଧା ଜଣେ ମହାନ୍ ବ୍ୟକ୍ତିତ୍ୱକୁ ହରଇଛି । ଖୋର୍ଦ୍ଧା ପାଇଁ ତାଙ୍କର ଅବଦାନ କିଛି କମ୍ ନୁହେଁ । ଖୋର୍ଦ୍ଧାର ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟରେ ସେ ଅମର ହୋଇ ରହିଥିବେ । ଜନ୍ମ ହେଲେ ମୃତ୍ୟୁ ନିଶ୍ଚୟ । ଏହା ବିଧିର ବିଧାନ । ତାଙ୍କ କ୍ଷେତ୍ରରେ ତାହା ହିଁ ହୋଇଛି । ମୁଁ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି କି ତାଙ୍କ ଦୁଃଖରେ ବ୍ୟଥିତ ପରିବାରକୁ ଅସୀମ ସାହସ ଦିଅନ୍ତୁ ଓ ତାଙ୍କ ଆତ୍ମା ଯେଉଁଠି ଥିଲେ ମଧ୍ୟ ଶାନ୍ତିରେ ଥାଉ ।

**ଅବସରପ୍ରାପ୍ତ ଶିକ୍ଷକ**

**ବି.ଜେ.ବି ହାଇସ୍କୁଲ, ଖୋର୍ଦ୍ଧା**

# ସ୍ମୃତିରୁ କାଣିଚାଏ

## ନାନୁ ମାମୁ

ଦୀର୍ଘ ୧୫ ଦିନ ଆମ ଗାଁ ବାରଦା ଓ କିଶନ୍ ନଗରରେ ମୋ ଶାଶୁଙ୍କ ଶୁଦ୍ଧି କ୍ରିୟାସାରି ମାର୍ଚ୍ଚ ୨୨ ତାରିଖ ରାତି ୮ଟା ୩୦ ମିନିଟ୍‌ରେ ଖୋର୍ଦ୍ଧାରେ ପହଞ୍ଚି ଲୁଗା ବଦଳାଇଲାବେଳେ ହଠାତ୍ ମୋ ମୋବାଇଲ୍ ବାଜି ଉଠିଲା । ସେପଟୁ ଆମ ଜୟ (ଜୟକୃଷ୍ଣ ନାୟକ) କହୁଥିଲା ମାମା ଗୋଟିଏ ଅଶୁଭ ଖବର– କିନ୍ତୁ ମୋତେ ଶୁଣାଗଲା ଶୁଭ ଖବର । ତେଣୁ କହିଲି ଶୁଭ ଖବର ତ ! ଶୀଘ୍ର ଶୀଘ୍ର କହ । କିନ୍ତୁ ପୁନଶ୍ଚ କହିଲା ମାମା ଶୁଭ ନୁହଁ– ଅଶୁଭ– ଆଶ୍ଚର୍ଯ୍ୟ ହେଲି– ପଚାରିଲି କଣ ହେଲା ? ଜୟ କହିଲା ଆମ ଶିବୁ ବାବୁ ଚାଲିଗଲେ । ଆମେ ବର୍ତ୍ତମାନ ରାସ୍ତାରେ ଅଛୁ । କ୍ୟାପିଟାଲ ହସ୍ପିଟାଲରୁ ଯାଉଛୁ । ହଠାତ୍ ଏ ଦୁଃଖଦ ଘଟଣାଟା ଶୁଣି ବିଶ୍ୱାସ କରିପାରିଲି ନାହିଁ । କାରଣ ପୂର୍ବରୁ ତ ଶିବୁର ଏପରି ଅସୁସ୍ଥତା ବିଷୟରେ କିଛି ଜାଣିନାହିଁ । ହଁ ଦୀର୍ଘଦିନ ହେବ ସେ ହୃଦରୋଗରେ ଆକ୍ରାନ୍ତ ହୋଇ ତା ସ୍ତ୍ରୀ ଜୟାର ତତ୍ତ୍ୱାବଧାନରେ ସୁସ୍ଥ ଥିଲା । ଜୟା ନିରବିଚ୍ଛିନ୍ନ ଭାବରେ ଶିବୁକୁ ସେବା ଶୁଶ୍ରୁଷା ମାଧ୍ୟମରେ ରଖିଥିଲା । ହଠାତ୍ ଏପରି କଣ ହେଲା ଯେ ସେ ସବୁଦିନ ପାଇଁ ଆମ୍ଭମାନଙ୍କୁ ଛାଡି ଆରପାରିକି ଚାଲିଗଲା ।

ପୁନର୍ବାର ଜୟଠାରୁ ଫୋନ ମାଧ୍ୟମରେ ଜାଣିଲି ସେ ଶିବୁର ମରଶରୀର ଖୋର୍ଦ୍ଧା ତା ଜନ୍ମ ମାଟିକୁ ଆସୁଛି । ତାର ସାନଭାଇ ପୂର୍ବତନ ବିଧାୟକ ଶ୍ରୀ ଜିତୁ ମିତ୍ରଙ୍କ ଜେଲରୋଡ଼ ସ୍ଥିତ ବାସଭବନକୁ । ତେଣୁ ଅପେକ୍ଷା କଲି । ଶିବୁର ମୃତ୍ୟୁ ଖବରଟା ମୋତେ ବହୁତ ଯନ୍ତ୍ରଣା ଦେଉଥିଲା । ଏ ପରିଣତ ବୟସରେ ମୃତ୍ୟୁ ଖବରଟା ସମସ୍ତ ବରିଷ୍ଠ ନାଗରିକଙ୍କୁ ଊଣା ଅଧିକ ଯନ୍ତ୍ରଣା ଦିଏ । ଗାଁରେ ମୋର ମଝିଆ ଭାଇ ଅଛନ୍ତି ତତ୍‌କ୍ଷଣାତ୍ ଫୋନ ମାଧ୍ୟମରେ ଏହି ଖରାପ ଖବରଟା ଜଣାଇଲି । କିନ୍ତୁ ଜଣାଇଲି କାହାକୁ ହଠାତ୍ ଖବରଟା ନ ଦେବାକୁ ।

ରାତି ପ୍ରାୟ ୧୨ ଟା ୩୦ମି. ରେ ଶିବୁର ମରଶରୀର ଆମ୍ବୁଲାନ୍ସରେ ତା ନିଜ ଘରକୁ ଆସିଲା । ଶିବୁର ମୃତ୍ୟୁ ସଂବାଦ ଖୋର୍ଦ୍ଧା ଟାଉନର ପ୍ରାୟ ଅଧିକାଂଶ ଲୋକ ଊଣା ଅଧିକେ ଜାଣି ଯାଇଥିଲେ । ତେଣୁ କିଏ ଫୁଲମାଳ ଧରି ବା କିଏ ଫୁଲତୋଡା ଧରି ମରଶରୀରକୁ ଶେଷ ଦର୍ଶନ କରିବାକୁ ଅପେକ୍ଷା କରିଥିଲେ । ପରିବାର ଲୋକଙ୍କ ସହମତିରେ ସ୍ୱର୍ଗଦ୍ୱାରରେ ଶବସତ୍କାର କରାଯିବାର ସ୍ଥିର ହେଲା ଓ ରାତି ପ୍ରାୟ ୩.୫୦ ମିନିଟ୍‌ରେ ଶିବୁର ମରଶରୀର ସ୍ୱର୍ଗଦ୍ୱାର ଅଭିମୁଖେ ପ୍ରସ୍ଥାନ କଲା ।

ଠିକ୍ ୪/୫ ଦିନ ପୂର୍ବରୁ ଗୀତାରୁ ପଢିଥିଲି ଯେ ପ୍ରାଣି ଉତ୍ତରାୟଣରେ ଶୁକ୍ଳପକ୍ଷରେ ଓ ସୂର୍ଯ୍ୟାସ୍ତ ପୂର୍ବରୁ ଶରୀର ତ୍ୟାଗକଲେ ତାର ଆତ୍ମା ପ୍ରଥମେ ବ୍ରହ୍ମଲୋକକୁ ପ୍ରାପ୍ତ ହୋଇ ପରେ ବ୍ରହ୍ମାଙ୍କ ସହିତ ଲୀନ ହୋଇ ଯାଇଥାନ୍ତି ।

ଅଗ୍ନିର୍ଜ୍ୟୋତି ରହଃ ଶୁକ୍ଳ ଷଣ୍ମାସା ଉତ୍ତରାନ୍ୟମ୍

ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମ ବିଦୋ ଜନା ।

(ଗୀତା–୮ ଅଧ୍ୟାୟ–୨୪ ଶ୍ଳୋକ)

ବର୍ତ୍ତମାନ ଉତ୍ତରାୟଣ ଚାଲୁଅଛି ଓ ଶୁକ୍ଳପକ୍ଷ । ତେଣୁ ମୁଁ ଆଶାକରେ ଏ ଆତ୍ମା ନିଶ୍ଚୟ ଭଗବାନଙ୍କ ସହିତ ଲୀନ ହେବ ଓ ଏହାର ପୂର୍ନଜନ୍ମ ହେବ ନାହିଁ ।

ବାସ୍ତବିକ ଶିବୁର ଜୀବନଶୈଳୀ ତାହାହିଁ ଥିଲା । ତାର ସମଗ୍ର ଜୀବନ ଅନ୍ୟପାଇଁ ଉତ୍ସର୍ଗୀକୃତ ଥିଲା । ଯଦିଓ ସେ ଜଣେ ସଚ୍ଚୋଟ ପୋଲିସ୍ ଅଫିସର ଥିଲା ତାର ମନ ଥିଲା ବହୁତ କୋମଳ ତାର ଅର୍ଜିତ ସମସ୍ତ ଅର୍ଥ ସେ ପରସେବାରେ ବ୍ୟୟ କରୁଥିଲା । ଏପରିକି ପରିବାର ଲୋକଙ୍କୁ ଅବହେଳିତ କରି ସମାଜର ଅବହେଳିତ ଲୋକଙ୍କ ସେବାରେ ତାର ଅର୍ଜିତ ଧନ ମନ ଖୁସିରେ ଖର୍ଚ୍ଚ କରୁଥିଲା ।

ଚାକିରି କାଳରେ ସେ ବହୁତ ବଡ଼ ପଦବୀରେ ଅଧିଷ୍ଠିତ ହୋଇଛି । ବହୁତ ବାଟେଲିୟାନରେ କମାଣ୍ଡାଣ୍ଟ ଭାବେ ନିଯୁକ୍ତି ପାଇଥିଲା । କିନ୍ତୁ ପ୍ରତ୍ୟେକ ବ୍ୟାଟେଲିଆନ ଏକ ମନ୍ଦିର ପ୍ରତିଷ୍ଠା କରିବାରେ ତାର ଭୀଷଣ ସଉକ ଥିଲା । ଏପରିକି କଣ୍ଟାବାଡ଼ (ଚନ୍ଦକା ପାଖ)ରେ ଥିବା ତାଙ୍କ ପୈତୃକ ସଂପତ୍ତିର କିଛି ଅଂଶରେ ଗୋଟିଏ ମନ୍ଦିର ତିଆରି କରି ମା' ବନଦୁର୍ଗାଙ୍କୁ ପ୍ରତିଷ୍ଠା କରିଅଛି । ଅବଶ୍ୟ ଭାଇ ଭଉଣୀମାନେ ଏଥିରେ ତାକୁ ବହୁତ ସାହାଯ୍ୟ କରିଥାଆନ୍ତି । ଦୁର୍ଗାପୂଜା ବେଳେ ଅଥବା ନବରାତ୍ର ସମୟରେ ବହୁତ ଆଡମ୍ବର ସହକାରରେ ଚଣ୍ଡିପାଠ ଇତ୍ୟାଦି ମା'ଙ୍କ ଠାରେ ପୂଜାପାଠ କରିବାରେ ସେ ମୁଖ୍ୟ ଭୂମିକା ନେଉଥିଲା ।

ଖେଳ ତାର ଆଉ ଗୋଟିଏ ସଉକ ଥିଲା । ସେ ବିଭିନ୍ନ ବାଟେଲିଅନରେ ଚାକିରି ଅବସ୍ଥାରେ ନିଜ ପ୍ରଚେଷ୍ଟାରେ ଖେଳ ପାଇଁ ଷ୍ଟାଡିୟମ ବନାଇଛି । କିଛିଦିନ ପାଇଁ ସେ ଓଡ଼ିଶା ସରକାରଙ୍କ ଅଧିନରେ Sports Department ରେ ଭାରପ୍ରାପ୍ତ ଅଫିସର ରୂପେ ଦାୟିତ୍ୱ ନେଇଥିଲା ଓ ଚାକିରିରୁ ଅବସର ନେବାପରେ ମଧ୍ୟ ତାର ଅସୁସ୍ଥତା ଶରୀରରେ ପ୍ରତ୍ୟେକ ଆଞ୍ଚଳିକ Sports function ରେ ଉପସ୍ଥିତ ରହି ନିଜକୁ ଧନ୍ୟମନେ କରୁଥିଲା ।

ଶିବୁର ଆଉ ଗୋଟିଏ ସଉକ ଥିଲା ଗପ ଓ କବିତା ଲେଖିବା । ତାର ୫/୬ ଗୋଟି ଲେଖା ଏହା ମଧ୍ୟରେ ପ୍ରକାଶ ପାଇସାରିଛି । ଗୋଟିଏ ବଡ଼ କଥା ହେଲା, ସେ ସଦାବେଳେ ସତ୍ୟ ଘଟଣା ଉପରେ ଆଧାରିତ କବିତା ବା ଗଳ୍ପ ଲେଖିଥିଲା । ନିଜ ଜୀବନରେ ଅନୁଭବ କରିଥିବା ବିଷୟ ଉପରେ ଆଧାର କରି ସେ ସମାଜକୁ ତା ଲେଖା ମାଧ୍ୟମରେ ଜଣାଉଥିଲା ।

ଅଧୁନା ଶିବୁ ନିଜ ଫ୍ଲାଟ ଗୃହ କିଣି ଭୁବନେଶ୍ୱରରେ ରହୁଥିଲା ଓ ପାଖରେ ତାର ସ୍ତ୍ରୀ ଓ ତାର ଏକମାତ୍ର ପୁଅ ରାଜା ରହୁଥିଲା । ବହୁ ପୂର୍ବରୁ ତାର ଏକମାତ୍ର ଝିଅ ପିଙ୍କା କୁ ସୁ ପାତ୍ରରେ ଦାନକରି ତାର ସମସ୍ତ କର୍ମ ପ୍ରାୟ ସମାପନ କରି ଯାଇଅଛି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ଏହି ପବିତ୍ର ଅମର ଆତ୍ମାର ସଦ୍‌ଗତି ହେଉ ।



# କମାଣ୍ଡାଣ୍ଟ ଅରବିନ୍ଦ ବନ୍ଧୁମିତ୍ରଙ୍କ ସ୍ମୃତିରେ

## କେଦାର ନାଥ ଦାସ

୧୯୯୦ ଓ ୧୯୯୨ ମସିହାରେ ଓଡ଼ିଶାର ପ୍ରବାଦ ପୁରୁଷ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟସ୍ତରୀୟ ପାଇକ ଆଖାଡ଼ା ପ୍ରତିଯୋଗୀତା ଗଡ଼ ଖୋର୍ଦ୍ଧାରେ ଅନୁଷ୍ଠିତ ହୋଇଥିଲା। ବହୁ ବୁଦ୍ଧିଜୀବୀ ଓ ପାଇକମାନଙ୍କ ଅନୁରୋଧ କ୍ରମେ ଖୋର୍ଦ୍ଧାର ଗୁରୁଜଙ୍ଗଠାରେ ଥିବା ଶିକ୍ଷକ ମହାସଂଘ ଶିକ୍ଷା ପ୍ରତିଷ୍ଠାନ ପରିସରେ ବିଜୁବାବୁ ଓଡ଼ିଶା ସମରକଳା ଏକାଡେମୀ (ପାଇକ ଆଖଡ଼ା ଏକାଡେମୀ) ତା ୧୮.୯.୧୯୯୪ ରିଖରେ ପ୍ରତିଷ୍ଠା କଲେ। ୫୦ ଜଣ ଶିକ୍ଷାର୍ଥୀଙ୍କ ପାଇଁ ମାସିକ ଜଣକୁ ୫୦୦ ଟଙ୍କା ଷ୍ଟାଇପେନ ଅନୁଦାନ ବ୍ୟବସ୍ଥା କରିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅନାଦି ଚରଣ ସାହୁ (ଆଇ.ପି.ଏସ୍)ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଶିକ୍ଷକ ନେତା ସଂପାଦକ ଶ୍ରୀଯୁକ୍ତ ଅବନୀ କୁମାର ବରାଳ ଓ ସଭାପତି ରାଜକିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ପାଇକ ଏକାଡେମୀ ତା ୧୮.୯.୧୯୯୪ ରିଖରେ ଉଦ୍‌ଘାଟିତ ହେଲା। ଅଧ୍ୟକ୍ଷ ଡ.ଶ୍ୟାମସୁନ୍ଦର ରଥଙ୍କ ଦାୟିତ୍ୱରେ ସମରକଳା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗେଇ ଚାଲିଲା।

ସେତେବେଳକୁ ଶ୍ରୀଯୁକ୍ତ ଅରବିନ୍ଦ ନାଥ ମିତ୍ର କଟକସ୍ଥିତ ୬ଷ୍ଠ ବାଟାଲିୟନ୍‌ର କମାଣ୍ଡାଣ୍ଟ ଥାଆନ୍ତି। ଦିନେ ସେ ଏକାଡେମୀ ବୁଲିବାକୁ ଆସିଥିଲେ। ଅବନୀ ସାର୍ ଏକାଡେମୀର କର୍ମଚାରୀ ଓ ପାଇକ ଗୁରୁମାନଙ୍କୁ ମିତ୍ର ସାର୍‌ଙ୍କ ସହ ପରିଚୟ କରାଇ ଦେଇଥିଲେ। ମିତ୍ର ସାର୍‌ଙ୍କ ଭବ୍ୟ ଉପସ୍ଥିତି ଗୁରୁମାନଙ୍କୁ ବିଶେଷ ଉତ୍ସାହିତ କରିଥିଲା। ଶ୍ରୀ ମିତ୍ର ଖୋର୍ଦ୍ଧା ମାଟିର ଯୋଗ୍ୟ ସନ୍ତାନ ତଥା ଦକ୍ଷ କମାଣ୍ଡାଣ୍ଟ ହିସାବରେ ପାଇକ ଏକାଡେମୀର ଶୁଭ ଚିନ୍ତକ ଥିଲେ। ଥରେ ମୋତେ କହିଲେ ଦାସ ସାରେ ଆପଣଙ୍କ ମତରେ ପାଇକ ଏକାଡେମୀର ଯୁବ ଶିକ୍ଷାର୍ଥୀମାନଙ୍କୁ ବନ୍ଧୁକ ଚାଳନା ଶିଖାଇଲେ କେମିତି ହୁଅନ୍ତା ? ମୁଁ କହିଲି, ସାରେ ! ଏହା କିପରି ସମ୍ଭବ ହେବ ! ତାପରେ ଏକାଡେମୀର ଅଧ୍ୟକ୍ଷ ଓ ଗୁରୁମାନଙ୍କୁ ସେ ପ୍ରତିଶ୍ରୁତି ଦେଲେ ଯେ ଆସନ୍ତା ଶିକ୍ଷାବର୍ଷକୁ ଅପେକ୍ଷା କର।

ଦଶମାସ ପ୍ରଶିକ୍ଷଣ ପରେ ୧୯୯୫ ମସିହା ଜୁନ ମାସ ୨୧ ତାରିଖ ଏକାଡେମୀର ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳନ କରାଗଲା। ସେତେବେଳକୁ ରାଜ୍ୟରେ ଜନତା ସରକାର ପରିବର୍ତ୍ତନ ହୋଇ କଂଗ୍ରେସ ସରକାର କ୍ଷମତାସୀନ। ରାଜ୍ୟର ରାଜସ୍ୱମନ୍ତ୍ରୀ ଶ୍ରୀଯୁକ୍ତ କାହ୍ନୁଚରଣ ଜେନା ଏବଂ କ୍ରୀଡ଼ା ଓ ଯୁବସେବାମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ ଓ କ୍ରୀଡା ନିର୍ଦ୍ଦେଶକ ଶ୍ରୀଯୁକ୍ତ କେ.ବି.ଲାଲ (ଆଇ.ପି.ଏସ)ଙ୍କ ଉପସ୍ଥିତିରେ ଏକାଡେମୀରୁ ଉତ୍ତୀର୍ଣ୍ଣ ହୋଇଥିବା ୩୫ ଜଣ ଶିକ୍ଷାର୍ଥୀଙ୍କୁ ପାସ୍ ପ୍ରମାଣ ପତ୍ର ପ୍ରଦାନ କରାଗଲା। ଆସନ୍ତା ବର୍ଷରେ ପାଇକ ଏକାଡେମୀ ଚାଲୁ କରିବା ନିମନ୍ତେ ମାନ୍ୟବର ଦୁଇମନ୍ତ୍ରୀ ଘୋଷଣା କଲେ।

ଦ୍ୱିତୀୟ ବର୍ଷ ୧୯୯୫-୯୬ ମସିହା ପାଇଁ ପାଠ୍ୟକ୍ରମ ଓ ନାମଲେଖା ଆରମ୍ଭ ହେବା ପୂର୍ବରୁ ଏକାଡେମୀକୁ ଅଧିକ କର୍ମଶୀଳ କରେଇବା ପାଇଁ ତା ୧୮.୦୭.୧୯୯୫ ଓ ତା ୨୭.୭.୧୯୯୫ ରିଖ ଦୁଇଦିନ ପାଇଁ ଏକ କର୍ମଶାଳା ଆୟୋଜିତ ହେଲା। ଏଥିରେ କ୍ରୀଡ଼ା ବିଭାଗ ତରଫରୁ ବରିଷ୍ଠ କୋଚ ଶ୍ରୀ ନୀଳମଣି ସାହୁ, କଟକ ବାରବାଟୀ ଷ୍ଟାଡିୟମରେ ଥିବା ସି.ପି.ଏଡ୍. ପ୍ରତିଷ୍ଠାନର ମୁଖ୍ୟ ଅଧିକାରିଣୀ ଶ୍ରୀ ଗୋଦାବରିଶ ଦାସ, କମାଣ୍ଡାଣ୍ଟ ଶ୍ରୀଯୁକ୍ତ ଅରବିନ୍ଦ ନାଥ ମିତ୍ର, ଶ୍ରୀ ବରାଳ, ଶ୍ରୀ ପଟ୍ଟନାୟକ, ଶ୍ରୀ ଗୌରୀଶଙ୍କର ରାଉତରାୟ, ଏକାଡେମୀ ଅଧ୍ୟକ୍ଷଙ୍କ ସମେତ ପାଇକଗୁରୁମାନେ ଓ ମୁଁ ନିଜେ ଅଂଶ ଗ୍ରହଣ କରିଥିଲୁ। ଏକାଡେମୀର ପାଠ୍ୟକ୍ରମକୁ ଦୁଇ ବର୍ଷିଆ

କରିବାକୁ ଗୋଦାବରୀଶ ବାବୁ ପରାମର୍ଶ ଦେଲାବେଳେ କମାଣ୍ଡାଣ୍ଟ ଶ୍ରୀଯୁକ୍ତ ଅରବିନ୍ଦ ବାବୁ ଶିକ୍ଷାର୍ଥୀଙ୍କ ପାଇଁ ମାଗଣାରେ ବନ୍ଧୁକ ଚାଳନା ଓ ରାଇଫଲ୍ ସୁଟିଙ୍ଗ ପାଇଁ ନିଜ ତରଫରୁ ଘୋଷଣା କଲେ। ଏହା ଶୁଣି କର୍ମଶାଳାର ସମସ୍ତ ସଦସ୍ୟ ଚକିତ ହେବା ସଙ୍ଗେସଙ୍ଗେ ମିତ୍ର ସାର୍‌ଙ୍କ ପ୍ରସ୍ତାବକୁ ସ୍ୱାଗତ କରିଥିବା ସମୟର ଦୃଶ୍ୟ ଓ ଖୁସି ପରିବେଶ ମୋ ମାନସପଟରେ ଅଭୁଲା ସ୍ମୃତିହୋଇ ରହିଛି। ମୁଁ ଭାବୁଥାଏ ଇଏ ହେଉଛନ୍ତି ଲାଲମାଟି ଖୋର୍ଦ୍ଧାର ଜଣେ ସଚ୍ଚା ଓଡ଼ିଆ ସମରକଳା ପ୍ରେମୀ ଯୋଗ୍ୟ ପାଇକ ପୁଅ। ମାତ୍ର ମିତ୍ର ସାର୍‌ଙ୍କ ସ୍ୱପ୍ନ ସାକାର ହୋଇ ପାରିଲାନି। ୧୯୯୫-୯୬ ମସିହାରେ ଏକାଡେମୀ ବନ୍ଦ ହୋଇଗଲା। ଏହାଠାରୁ ଦାରୁଣ ଦୁଃଖ ଆଉ କଣ ହୋଇପାରେ। ଦିବଂଗତ ମହାନ୍ ବ୍ୟକ୍ତିତ୍ୱକୁ ମୁଁ ସଲାମ୍ ଜଣାଉଛି। ଆତ୍ମାର ସଦ୍‌ଗତି ଓ ସ୍ୱର୍ଗପ୍ରାପ୍ତି ପାଇଁ ମୁଁ ଜଗତର ନାଥ ଜଗନ୍ନାଥଙ୍କୁ ଚରଣାର ବିନ୍ଦରେ ପ୍ରାର୍ଥନା କରିବା ସଙ୍ଗେସଙ୍ଗେ ଶୋକ ସନ୍ତପ୍ତ ପରିବାରର ସାନ୍ତନା କାମନା କରୁଛି।

# ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଅରବିନ୍ଦ ମିତ୍ର

## ଡ.ପ୍ରମୋଦ ଚନ୍ଦ୍ର ଦାଶ

ପ୍ରକୃତରେ ଅରବିନ୍ଦ ମିତ୍ର ଜଣେ କ୍ରୀଡ଼ାପ୍ରେମୀ, ସାହିତ୍ୟପ୍ରେମୀ, କର୍ମନିଷ୍ଠ ଓ ପରୋପକାରୀ, ବ୍ୟକ୍ତି ଥିଲେ। ସେ ଜଣେ ଉଦାର ହୃଦୟର ବ୍ୟକ୍ତି। ସେ ଅସହାୟଙ୍କ ପ୍ରତି ସହାୟତାର ହାତ ବଢ଼ାଇ ସେବା କରୁଥିଲେ। ସମାଜସେବାରେ ଯୁବକମାନଙ୍କୁ ସାମିଲ କରିବା ସହ ନିଜ ଖୋରଧାର ଉନ୍ନତି ପାଇଁ ଆଗଭର ହୋଇ କାର୍ଯ୍ୟ କରିବାକୁ ନେଇ ସମସ୍ତଙ୍କର ପ୍ରଶଂସାଭାଜନ ହୋଇ ପାରିଥିଲେ। ସେହି ଅମାୟିକ ବ୍ୟକ୍ତିତ୍ୱ ଆଜି ନାହାଁନ୍ତି ସତ କିନ୍ତୁ ତାଙ୍କର ମହାନତା ଅବିସ୍ମରଣୀୟ ।

ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

**ପ୍ରତିଷ୍ଠାତା 'ଆମରିସତ୍ୟ'**



# ଚିରସ୍ମରଣୀୟ ଅରବିନ୍ଦ

## ସତ୍ୟବାଦୀ ବଳିଆରସିଂହ

ବେଦ, ବେଦାନ୍ତ, ପୁରାଣ, ଉପନିଷଦରେ ବର୍ଣ୍ଣିତ ଅଛି ଯେ, ପତ୍ୟେକ ଜୀବ ୮୪ ଗୋଟି ପ୍ରାଣୀ ଜୀବନ ଭ୍ରମଣ କରି ସର୍ବଶେଷରେ ମାନବ ଜନ୍ମ ଲାଭ କରିଥାଏ। ନିଜର କର୍ମ କୁଶଳତା ଉପରେ ବାରମ୍ବାର ଜନ୍ମ ଗ୍ରହଣ କରି ଜୀବନ ଚକ୍ରରେ ଗତିକରି ଶେଷରେ ମୃତ୍ୟୁବରଣ କରିଥାଏ। ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତରେ-

ପୁନରପି ଜନମଂ ପୁନରପି ମରଣଂ ପୁନରପି ଜନନୀ ଜଠରେ ଶୟନଂ, ଇତି ସଂସାରେ ସ୍ମୃତିର ଦୋଷ କଥମିହ ମାନବ ତବ ସନ୍ତୋଷ।

ଏ ତ ହେଉଛି ଶାସ୍ତ୍ରୀୟ ମତ। ମଣିଷ ଜନ୍ମହୁଏ ମୃତ୍ୟୁବରଣ କରେ, ହେଲେ ଜୀବଦଶା ମଧ୍ୟରେ ସେ ଯାହା କରିଯାଏ ତାହା ହେଉଛି କୀର୍ତ୍ତି। ଅରବିନ୍ଦ ମିତ୍ର ଏଭଳି ଜଣେ ମଣିଷ ଥିଲେ ସାରା ଜୀବନ ଥିଲା ତାଙ୍କର କୀର୍ତ୍ତିମୟ। ଖୋର୍ଦ୍ଧାର ସୁନାମଧନ୍ୟ ଡାକ୍ତର ଶ୍ୟାମମାଧବ ମିତ୍ରଙ୍କର ସନ୍ତାନ ଭାବରେ ନୁହେଁ କି ୪ ଥର ପୌରାଧକ୍ଷ ତଥା ୩ ଥର ବିଧାୟକ ଭାବେ ସୁପ୍ରତିଷ୍ଠିତ ସମାଜସେବୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କର ବଡଭାଇ ଭାବରେ ନୁହେଁ। ସେ ଥିଲେ ଅତ୍ୟନ୍ତ ସ୍ନେହଶୀଳ, ପରୋପକାରୀ ଏବଂ ଖୋର୍ଦ୍ଧାକୁ ଭଲ ପାଉଥିବା ଜଣେ ଦରଦୀ ମଣିଷ। ଜଣେ ମେଧାବୀ ଛାତ୍ର ତଥା ଛାତ୍ର ଜୀବନରେ ସମର ଶିକ୍ଷାର୍ଥୀ ବାହିନୀର ଜଣେ ଅଫିସର ଭାବରେ କାର୍ଯ୍ୟକରି ପ୍ରଶଂସିତ ହୋଇଥିଲେ। ସେ କଲେଜ ଛାତ୍ର ସଂସଦର ଦୁଇ ଦୁଇଥର ସଭାପତି ଭାବେ କାର୍ଯ୍ୟକରି ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ତାଙ୍କ ନେତୃତ୍ୱର ଭୁରି ଭୁରି ପ୍ରଶଂସା କରନ୍ତି ସେହି ସମୟରେ କଲେଜରେ ପଢୁଥିବା ଛାତ୍ର କାଳିଚରଣ ଜୟସିଂହ ଓ ୰ବ୍ରଜ ପାଇକରାୟ।

ପରବର୍ତ୍ତୀ ସମୟରେ ସେ ଓ.ଏସ.ଏ.ପି.ରେ ଯୋଗଦେଇ କମାଣ୍ଡାଣ୍ଟ ପଦରୁ ଅବସର ନେଇଥିଲେ। ସେ ମଧ୍ୟ ପୋଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ ପଦରେ ଥିଲେ। ଖୋର୍ଦ୍ଧା ଆସିଲେ ଖୋର୍ଦ୍ଧାର ବିକାଶମୂଳକ କାର୍ଯ୍ୟନେଇ ଆଲୋଚନା କରୁଥିଲେ। ଖୋର୍ଦ୍ଧା ବିଜେବି ହାଇସ୍କୁଲର ପୁରାତନ ଛାତ୍ର ଭାବରେ ଛାତ୍ରସଂଘର ବିଭିନ୍ନ କାମରେ ଯୋଗ ଦେଉଥିଲେ। ହାଇସ୍କୁଲ ପରିସରରେ ବକ୍ସି ଜଗବନ୍ଧୁ ପ୍ରତିମୂର୍ତ୍ତି ନିର୍ମାଣ ହେଉ କି ମାୟାଧର ମାନସିଂହଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେଉ ସେଥିରେ ତାଙ୍କର ଅବଦାନ ନିହିତ ଥିଲା। ଖୋର୍ଦ୍ଧାର ବିଭିନ୍ନ ପ୍ରସଙ୍ଗ ନେଇ ସେ ମୋ ସାଙ୍ଗରେ ଫୋନରେ କଥାବାର୍ତ୍ତା ହୋଇଥାନ୍ତି।

ତାଙ୍କ ପରଲୋକ ଖବର ଯେତେବେଳେ ମାଲୁଦର ପାଇକଗୁରୁ କେଦାରନାଥ ଦାସ ଜାଣିଲେ ସେତେବେଳେ ସେ ଗୁରୁଜଙ୍ଗରେ ଖୋଲାଯାଇଥିବା 'ସମରକଳା ଏକାଡେମୀ'ରେ ତାଙ୍କର ତିନିଦିନିଆ ସେମିନାରର କାର୍ଯ୍ୟକ୍ରମ ନେଇ ବୁଝାଇଥିଲେ। ଏହି ସମରକଳା ଏକାଡେମୀ ୧୯୯୫ ମସିହା ଜୁନ ମାସରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଖୋଲିଥିଲା। କ୍ରୀଡା ବିଭାଗ ନିର୍ଦ୍ଦେଶକ ଅନାଦି ସାହୁ ଆଇ.ପି.ଏସ. ଯୋଗ ଦେଇଥିଲେ। ଦ୍ୱିତୀୟ ବର୍ଷର ଏକ ସେମିନାର କମାଣ୍ଡାଣ୍ଟ ଅରବିନ୍ଦ ମିତ୍ର ଓ ପି.ଇ.ଟି କଲେଜ ଅଧ୍ୟକ୍ଷ ଗୋଦାବରୀଶ ଦାସ ଯୋଗ ଦେଇଥିଲେ। ସେହି କାର୍ଯ୍ୟକ୍ରମରେ ୭ ଜଣ ପ୍ରଶିକ୍ଷକ ଓ ୩୫ ଜଣ ଛାତ୍ରଙ୍କୁ ମଣିପୁର ଟାଙ୍ଗଟା ଖେଳ ଭଳି ପାଇକ କ୍ରୀଡାକୁ ଆଗେଇ ନେବାପାଇଁ ସେ ପରାମର୍ଶ ଦେଇଥିଲେ। ଏବେ ସେ ସବୁ ସ୍ମୃତି।

ଅନେକ ଜାଣନ୍ତି ନାହିଁ ଯେ ସେ ଜଣେ ସାହିତ୍ୟିକ। ଲେଖାଲେଖି ପ୍ରତି ତାଙ୍କର ରୁଚି ରହିବା ସହିତ ଦୁଇଖଣ୍ଡ ଉପନ୍ୟାସ ମଧ୍ୟ ଲେଖିଛନ୍ତି। ସର୍ବୋପରି ସେ ଜଣେ ଭଲ ମଣିଷ ଓ ଖୋର୍ଦ୍ଧାକୁ ଭଲ ପାଉଥିବା ଉତ୍ତୁଙ୍ଗ ବ୍ୟକ୍ତି। ତାଙ୍କ ବିୟୋଗ ସମସ୍ତଙ୍କ ମନରେ ଗଭୀର ଦୁଃଖ ଆଣିଦେଇଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତାଙ୍କ ଆତ୍ମା ପରମଶାନ୍ତି ଲାଭକରୁ।

**ବିଶ୍ୱାତ୍ମା, ଏମ-୨୩, ଖୋର୍ଦ୍ଧା, ବିଡିଏ କଲୋନୀ**

**ମୋ- ୯୨୩୭୦୮୯୫୦୯**

# ଅରବିନ୍ଦ ମିତ୍ର
# ଖୋରଧା ସହରର ଅଗ୍ରଣୀ ସମାଜସେବୀ ବ୍ୟକ୍ତିତ୍ୱ

## ଭୀମସେନ ପ୍ରଧାନ

ବହୁ ପ୍ରସାରିତ ସାମାଜିକ ବିଳାଶମାନ ବଣ୍ଟରେ ବିଚାର କଲେ, ଖୋରଧା ପୌରାଞ୍ଚଳ ଓଡିଶାର ଏକ ଅଗ୍ରଣୀ ବିକଶିତ ଅଞ୍ଚଳ ରୂପେ ଖ୍ୟାତି ଲାଭ କରିଅଛି। ଖୋରଧା ଭୌତିକ, ବୌଦ୍ଧିକ, ସାଂସ୍କୃତିକ ଐତିହ୍ୟ ପରମ୍ପରା ବହୁ ପୁରାତନ, ଏବଂ ଖୋରଧାର ଭାଷା, ସାହିତ୍ୟ, ବ୍ୟବସାୟ, ଅତୀତ ଓ ବର୍ତ୍ତମାନର ଶିଳ୍ପ ବାଣିଜ୍ୟ ବ୍ୟବସାୟର ପ୍ରସିଦ୍ଧି ରାଜ୍ୟ ଏବଂ ଜାତୀୟ ସ୍ତରରେ ବିସ୍ତାର ଲାଭ କରିଛି। ଖୋରଧାର ଗୌରବ ବୃଦ୍ଧି କରିଛି। ଖୋରଧାରେ ଏହିପରି ଲାଗି ରହିଥିବା ଏକ ବିକଶିତ ପରିବେଶ ସ୍ଥିତିରେ ଖୋର୍ଦ୍ଧାର ଜଣେ ଖ୍ୟାତିନାମ ବିଶିଷ୍ଟ ସମାଜସେବୀ ଡାକ୍ତର ଶ୍ୟାମ ମାଧବ ମିତ୍ରଙ୍କ ପ୍ରଥମ ପୁତ୍ର ସନ୍ତାନ ରୂପେ ଜନ୍ମଲାଭ କରିଥିଲେ। ଶ୍ରୀମାନ (ସ୍ୱର୍ଗୀୟ) ଅରବିନ୍ଦ ମିତ୍ର ପିତାଙ୍କର ଆଦର୍ଶ ସାମାଜିକ ସେବା-ଚିନ୍ତା-ଚେତନା-ଜୀବନଧାରା ଅରବିନ୍ଦଙ୍କ ଶୈଶବ, ଯୌବନ ଜୀବନକୁ ବିଶେଷଃ ଭାବରେ ପ୍ରଭାବିତ କରୁଥିବାରୁ ଅରବିନ୍ଦ ଶେଷ ଜୀବନ ପର୍ଯ୍ୟନ୍ତ ଜନହିତଙ୍କର ସମାଜସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ। ସେହି ସେବା ହିଁ ତାଙ୍କ ଜୀବନର ସାମାଜିକ ପରିଚୟ ଓ ସାର୍ଥକତା। ଶିକ୍ଷା ସମାପ୍ତ ପରେ ଓଡିଶା ସରକାରଙ୍କ ଧନ-ଜୀବନ-ସୁରକ୍ଷା-ଆଇନ-ପାଳନ ବହୁ ସମ୍ବେଦନଶୀଳ ପୋଲିସ ପ୍ରଶାସନ ବିଭାଗରେ ସେବା ଆରମ୍ଭକରି କର୍ତ୍ତବ୍ୟ ନିଷ୍ଠାରେ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ପାରିଥିଲେ। ଛାତ୍ର ଜୀବନରେ, ସରକାରୀ ସେବା କାଳରେ, ସେବା ନିବୃତ୍ତ ହେବାପରେ ଖୋରଧା ସହର ଅଞ୍ଚଳର ବହୁ ସାମାଜିକ ଅନୁଷ୍ଠାନର ସଭ୍ୟ-କର୍ମକର୍ତ୍ତା ଭାବରେ ସର୍ବସାଧାରଣଙ୍କ ସହିତ ନିଜକୁ ମିଶାଇଦେଇ ସମାଜ ଗଠନର ଜଣେ ଅଗ୍ରଣୀ ସମାଜସେବୀର ପରିଚୟ ଦେଇ ବହୁ କ୍ଷେତ୍ରରେ ସାଧୁବାଦର ପାତ୍ର ହୋଇଛନ୍ତି।

ସାମାଜିକ ଜୀବନ ଯାତ୍ରାରେ ଯେ କୌଣସି ବ୍ୟକ୍ତିଙ୍କର ସମାଜ ବିକାଶ ମୂଳକ କାର୍ଯ୍ୟଧାରା ଜୀବନ ପ୍ରସାରିତ ହେବାପାଇଁ ବ୍ୟକ୍ତିଙ୍କର ପାରିବାରିକ ବୌଦ୍ଧିକ ସାମର୍ଥ୍ୟ ବିଶେଷ ସହାୟକ ହୋଇଥାଏ। ଏକ ପ୍ରତିଷ୍ଠିତ ପାରିବାରିକ ସାମଥିକ ଭିତ୍ତି ଉପରେ ଅରବିନ୍ଦଙ୍କ ଉନ୍ନତ ସାମାଜିକ ବ୍ୟକ୍ତିତ୍ୱ ଗଢି ଉଠିଥିଲା। ତାଙ୍କର ପିତା ଡାକ୍ତର ଶ୍ୟାମ ମାଧବ ମିତ୍ରଙ୍କ ସାମାଜିକ ପ୍ରତିଷ୍ଠା ଓ ସାନଭାଇ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଦୀର୍ଘ ଚାରିଥର ଖୋରଧା ପୌରପାଳକ ବିକାଶମୂଳକ କାର୍ଯ୍ୟରେ ଏବଂ ଦୀର୍ଘ ପନ୍ଦର ବର୍ଷ ଖୋରଧା ବିଧାୟକ ଭାବରେ ବହୁଜନ ସେବା ବିକାଶ ସାଧକ କାର୍ଯ୍ୟ ଅରବିନ୍ଦଙ୍କ ସାମାଜିକ ସେବା ଜୀବନକୁ ପ୍ରସାରତ କରିଥିଲା।

ଅରବିନ୍ଦଙ୍କ ଦେହାନ୍ତରେ ଖୋରଧା ବୁଦ୍ଧିଜୀବି ମହଲରେ ବିଷାଦର ଛାୟା ଖେଳି ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇ ଯାଇଛି। ସେହି ଶୂନ୍ୟସ୍ଥାନ କିଏ ପୂରଣ କରିବେ ଏକ ପ୍ରଶ୍ନ। ଅରବିନ୍ଦଙ୍କର ବିଦାୟରେ ତାଙ୍କ ଗଭୀର ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।

# ବଡ଼େ ଦିଲ୍‌ୱାଲେ

## ସୁନୀଲ ବୋଷ

ଭଗବାନଙ୍କ ଉପରେ ବେଳେ ବେଳେ ଖୁବ୍ ରାଗ ଆସେ । ହୃଦୟ ନଥିବା ଲୋକଙ୍କୁ ତ ବେଶ୍ ଦୀର୍ଘ ନିରାମୟ ଜୀବନ ଦେଇପାରୁଛ, ଅଥଚ ହୃଦୟ ଥିବା ମଣିଷଙ୍କୁ ହୃଦ୍‌ଘାତ କରାଇ ନେଇଯାଉଛ ନିଜ ପାଖକୁ ? ଏ କି ନ୍ୟାୟ ତୁମର ?

ଅରବିନ୍ଦ ମିତ୍ର ଆମ ବାପାଙ୍କୁ ସଜିଆ ଦା' ଡାକୁଥିଲେ, ସେଇ କାରଣରୁ ଆମେ କାକା ଡାକୁ ତାଙ୍କୁ, ଓଡ଼ିଆରେ ଯାହାଙ୍କୁ ଦାଦା ଡାକନ୍ତି । ଚେହେରାକୁ ଚାହିଁ ଭଗବାନ ତାଙ୍କୁ ଦେଇଥିଲେ ବଡ଼ ହୃଦୟଟିଏ । ସତରେ ବଡ଼େ ଦିଲ୍‌ୱାଲେ ଥିଲେ ସିଏ । ସମସ୍ତଙ୍କ ପାଇଁ ଜାଗା ରହୁଥିଲା ପ୍ରଶସ୍ତ ଛାତି ଭିତରେ ଥିବା ସେ ବଡ଼ ହୃଦୟଟିରେ ।

ମାଟିରୁ ମହଲା ଯାଏଁ ସବୁ ମଣିଷଙ୍କୁ ସେ ଆପଣାଇ ନେଉଥିଲେ ନିଜର ବଡ଼ ହୃଦୟଟିଏ ଥିବାରୁ । ଆଜିକାଲି ସେମିତି ହୃଦୟଟିଏ କାଇଁ ?

ଖୋର୍ଦ୍ଧା ନିକଟସ୍ଥ ମହୁଲ ଗାଁର, କବି-ଗୀତିକାର ରମେଶ ମଙ୍ଗରାଜଙ୍କ ସହ ଅରବିନ୍ଦ କାକା ମଝିରେ ମଝିରେ ଗପନ୍ତି । ସର୍ଜନଶୀଳ ଲୋକଙ୍କୁ ସେ ବେଶ୍ ଭଲ ପାଉଥିଲେ । ଦିନେ କଥା ପ୍ରସଙ୍ଗରେ ରମେଶ ମଙ୍ଗରାଜ ପଚାରିଲେ- ଆପଣ ସୁନୀଲ ବାବୁଙ୍କ ଗପ ପଢ଼ିଛନ୍ତି ? ସୁନୀଲ ବୋଷ, ଖୋର୍ଦ୍ଧାର ?

ଅରବିନ୍ଦ କାକା ତାଙ୍କୁ କହିଲେ- ଆମ ସୁନୁ କଥା କହୁଛନ୍ତି ତ, ସେ ପରା ମୋ ପୁତୁରା । ଆମର ନିହାତି ନିଜର ସେମାନେ । ତାକୁ କହିବେ, ତା'ର କ'ଣ ସବୁ ଏବେ ନୂଆ ବହି ବାହାରିଛି ମୋ' ପାଖକୁ ପଠେଇବ ତ । ମୁଁ ତା' ଗପ ପଢ଼ିଛି ଆଗରୁ ।

ମୁଁ ଭଞ୍ଜ ଭାଇଙ୍କ ହାତରେ ନଗଦ ପ୍ରକାଶ ପାଇଥିବା ମୋର 'ନିର୍ବାଚିତ ପ୍ରେମ ଗଳ୍ପ' ବହିଟି ପଠେଇ ଦେଇଥିଲି ।

କିଛିଦିନ ପରେ ରମେଶ ମଙ୍ଗରାଜ ଅରବିନ୍ଦ କାକାଙ୍କୁ ପଚାରିଲେ- ସୁନୀଲ ବାବୁଙ୍କ ପ୍ରେମ ଗଳ୍ପ ପଢ଼ିଲେ ?

ଅରବିନ୍ଦ କାକା କହିଲେ-ଆମେ ହେଲୁ ଟିକେ ବାମପନ୍ଥୀ ମାନସିକତାର ମଣିଷ, ଆମକୁ ସେ ପ୍ରେମ ଫ୍ରେମ ସେତେଟା ଭଲଲାଗେନି । ସୁନୁ କିନ୍ତୁ ବଢ଼ିଆ ଲେଖିଛି ।

ମୁଁ ରମେଶ ମଙ୍ଗରାଜଙ୍କୁ କହିଲି- ଆପଣ ପଚାରିଲେନି, ସେ ନିଜେ କେମିତି ବାହା ହୋଇଛନ୍ତି, ପ୍ରେମ କରି ନା ଘରଲୋକେ ବୁଝିଥିବା ଝିଅକୁ ? ସିଏ ପରା ହେଉଛନ୍ତି ଜଣେ ସଚ୍ଚା ପ୍ରେମିକ । ଫରକ୍ ଏତିକି- ସିଏ ସମସ୍ତଙ୍କୁ ଭଲପାଆନ୍ତି, କେବଳ ପ୍ରେମିକାକୁ ନୁହେଁ । ସବୁ ମଣିଷଙ୍କୁ ଜାଗା ଦେଇପାରନ୍ତି ନିଜର ବିଶାଳ ହୃଦୟରେ ।

ଭାବିଥିଲି, ଦେଖାହେଲେ ପଚାରିବି- ଆପଣଙ୍କ ଭଳି ଜଣେ ମଣିଷପ୍ରେମୀଙ୍କୁ ପୁଣି ପ୍ରେମ ଗପ ଭଲ ଲାଗେନି ବୋଲି କେମିତି କହିପାରିଲେ ?

ଆଉ ସେ ସୁଯୋଗ ସେ ମୋତେ ଦେଲେନି । କିନ୍ତୁ ଏକଥା ସତ ଯେ, ସେ ବୈକୁଣ୍ଠରେ ହିଁ ଥିବେ । ଭଗବାନ ଭଲ ମଣିଷମାନଙ୍କୁ ଖୁବ୍‌ଶୀଘ୍ର ନେଇଯାଆନ୍ତି ନିଜ ପାଖକୁ ।

**ପଲଟଣପଡ଼ିଆ, ଖୋର୍ଦ୍ଧା**

**ମୋବାଇଲ୍ : ୯୪୩୯୦୦୯୩୩୭**

# ମହାନ୍ ବ୍ୟକ୍ତିତ୍ୱଙ୍କ ମହାପ୍ରୟାଣ ଅବସରରେ

## ପ୍ରକାଶ ଚନ୍ଦ୍ର ପଟ୍ଟନାୟକ

ଅରବିନ୍ଦମିତ୍ରନାଥ ମିତ୍ର ସାର୍ ଏକାଧାରରେ ଜଣେ ଶିକ୍ଷାବିତ୍, ସମାଜସେବୀ, ଗାନ୍ଧୀବାଦୀ ଓ ପରୋପକାରୀ ବ୍ୟକ୍ତିଥିଲେ। ଦୀର୍ଘ ୧୦ବର୍ଷ, ହେଲା ମୁଁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରି ଆସୁଅଛି। କେବେ ବି ଦେଖିନି ତାଙ୍କର କୌଣସି କ୍ଷେତ୍ରରେ କ୍ରୋଧ, ମୋହ,ହିଂସା ତଥା ଅନ୍ୟର ପ୍ରରୋଜନା ଶୁଣିବା। ଯଦି କୁହାଯାଏ 'ସନ୍ତୋଷ'ର ଚାବିକାଠି କେବଳ 'ଧୈର୍ଯ୍ୟ" ତେବେ ସେ ଥିଲେ। ସନ୍ତୋଷର ଚାବିକାଠି। କର୍ମ କ୍ଷେତ୍ରରେ ପ୍ରତ୍ୟେକ ସମୟରେ ପ୍ରତ୍ୟେକ ଘଟଣା ଉପରେ ସର୍ବଦା ଶିକ୍ଷା ଦେଇ ଚାଲିଥିଲେ। ତାଙ୍କର କେବଳ ଗାନ୍ଧୀବାଦୀ ଚିନ୍ତାଧାର ଉପରେ ମନ ନଥିଲା, ଥିଲା କର୍ମ କ୍ଷେତ୍ରରେ। ସେ ଯାହା କହୁଥିଲେ ତାହା ହିଁ କରୁଥିଲେ। ପ୍ରଥମେ ସେ ନିଜେ ଗାନ୍ଧୀବାଦୀ ଆଦର୍ଶକୁ ପାଳନ କରୁଥିଲେ। ତା'ପରେ ଅନ୍ୟକୁ ସେ ଦିଗରେ ପ୍ରେରଣା ଦେଉଥିଲେ। ସେ ଜଣେ ସତ୍ୟନିଷ୍ଠ ପୁରୁଷ ଥିଲେ। ତାଙ୍କ ଜୀବନ କାଳରେ ସେ କେବେ କାହା ମନରେ ଦୁଃଖ ଦେଇନଥିଲେ। ଜନ୍ମ ଥିଲେ ମୃତ୍ୟୁ ନିଶ୍ଚିତ, ଏକଥାକୁ ଅସ୍ୱୀକାର କରିହେବ ନାହିଁ। ହେଲେ ସେ ସର୍ବଦା ଆମ ଗହଣରେ ଅମର ରହିଥିବେ। ତାଙ୍କର ଦିବ୍ୟ ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ, ଏହାହିଁ ଈଶ୍ୱରଙ୍କ ପାଖରେ ପ୍ରଣାମ। ତାଙ୍କର ଆଶୀର୍ବାଦ ଆମ ଉପରେ ଥାଉ, ଆମେ ତାଙ୍କ ଚିନ୍ତାଧାରାକୁ କାର୍ଯ୍ୟରେ ଲଗାଇ ପାରିବାର ଶକ୍ତି ଓ ସାମର୍ଥ୍ୟ ଆମକୁ ପ୍ରଚ୍ଛଦପଟୁ କରନ୍ତୁ । ତାଙ୍କର ଆତ୍ମା ସ୍ୱର୍ଗପ୍ରାପ୍ତି ହେଉ, ଏହାହିଁ ମୋର ଈଶ୍ୱରଙ୍କ ପାଖରେ ପ୍ରାର୍ଥନା।

**ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ**
**ଖୋର୍ଦ୍ଧା**

# ମିତ୍ର ସାର୍

## ହିମାଂଶୁ କୁମାର ପଟ୍ଟନାୟକ

ଏଇପରି ତାଙ୍କୁ ମୁଁ ଡାକେ। ସେ ମୋର ସାନଭାଇ ପରି। ଗଲା ଏଗାର ବର୍ଷର ବନ୍ଧୁତା। ଦେହରେ ମନରେ ସେ ସୁନ୍ଦର। ବିଜ୍ଞ ସରଳ ନିଷ୍କପଟ। ଅନ୍ୟକୁ ସାହାଯ୍ୟ ଦେବାରେ ହେଳା ନାହିଁ। ଖୋରଧା ଲୋକମାନଙ୍କର ସେ ପ୍ରିୟ ଅରବିନ୍ଦ ଭାଇ। ପୋଲିସ୍ ବିଭାଗରେ ଉଚ୍ଚ ପଦବିରେ ଚାକିରି। କ୍ରୀଡାବିତ୍। ଓଡିଶା ସରକାରଙ୍କ ସ୍ପୋର୍ଟସ୍ ଡାଇରେକ୍ଟର ଥିଲେ।

ଜାତୀୟସ୍ତରରେ ବନ୍ଧୁକଚାଳନାରେ ସମ୍ମାନିତ। ନାତୁଣୀ ଭଲ ଟେନିସ୍ ଖେଳୁଥିବାରୁ ଖୁସୀ ହୁଅନ୍ତି। ଆମ ମନରେ ସବୁଦିନ ପାଇଁ ସେ ଅଛନ୍ତି।

# ବନ୍ଧୁ ମୋର ଅତି ଶାନ୍ତ - ଅତି ଦୁର୍ଦ୍ଦାନ୍ତ ବି

## ରାଜ କିଶୋର ପରମଗୁରୁ (ରାଜୁ)

ପ୍ରାୟ ୭୧ ବର୍ଷ ତଳର ଘଟଣା । ଆଜିଭଳି ୧୯୫୫ ମସିହାର ବସନ୍ତଋତୁର ଏକ ସକାଳ । ମୋର ଜଣେ ଜେଜେବାପାଙ୍କ ସହିତ ମୁଁ ଯାଇ ପହଁଚିଥାଏ ଖୋର୍ଦ୍ଧା ପ୍ରାକ୍ଟିସିଂ ସ୍କୁଲରେ ନାଁ ଲେଖେଇବା ପାଇଁ । ସିଧାସଳଖ ତୃତୀୟ ଶ୍ରେଣୀରେ ନାଁ ଲେଖେଇବା ପାଇଁ ପ୍ରସ୍ତୁତ ହୋଇ ଯାଇଥିଲେ ହେଲେ କୌଣସି ଗୋଟିଏ ବି ପ୍ରଶ୍ନର ଉତ୍ତର ନଦେଇ ପୂରାପୂରି ଚୁପ ରହିଲି । ନାଆଁ ବି କହିଲିନି, କି ମୁହଁ ବି ଆଦୌ ଖୋଲିଲିନି । ଏତିକିବେଳେ ଜଣେ ସାର କହିଲେ – ପିଲାଟା ବୋଧେ ବାହାରେ ବେଶୀ ମିଶାମିଶି କରେନି, ତେଣୁ ଲାଜ କରୁଛି, ବରଂ ତାକୁ ତୃତୀୟ ଶ୍ରେଣୀରେ କିଛି ସମୟ ବସେଇ ଦେଇ ଦେଖାଯାଉ କେମିତି କରୁଛି । କଥାଟି ସମସ୍ତଙ୍କ ମନକୁ ପାଇଗଲା । ତୃତୀୟ ଶ୍ରେଣୀର ଶ୍ରେଣୀଶିକ୍ଷକଙ୍କୁ (ମହେନ୍ଦ୍ର ସାରଙ୍କୁ) ଡକାଗଲା ଓ କ'ଣ ପଢାଉଛନ୍ତି ବୋଲି ପଚରାଗଲା । ସେ ଗଣିତ ପ୍ରଶ୍ନ ଦେଇ ପିଲାଙ୍କୁ କରିବା ପାଇଁ କହିଛନ୍ତି ବୋଲି କହିଲେ । ତାପରେ ପ୍ରଧାନଶିକ୍ଷକ ମୋତେ ନେଇ ତୃତୀୟ ଶ୍ରେଣୀରେ ବସାଇ ମୁଁ କିପରି ସେହି ଗଣିତର ଉତ୍ତର କରୁଛି ଦେଖି ତାଙ୍କୁ ଆସି କହିବାକୁ ମହେନ୍ଦ୍ର ସାରଙ୍କୁ ନିର୍ଦ୍ଦେଶ ଦେଲେ । ସାର ମୋତେ ସାଙ୍ଗରେ ନେଇ ଶ୍ରେଣୀରେ ପହଁଚିଲେ, ପିଲାମାନେ ଧାଡ଼ି ଧାଡ଼ି ହୋଇ ତଳେ ବସିଥାନ୍ତି ଓ ବାମପଟ ସାମନା କ'ଣରେ ସାରଙ୍କ ଚଉକି-ଟେବୁଲ ପଡିଥାଏ । ସେ ମୋତେ ପ୍ରଥମ ଧାଡିରେ ତାଙ୍କରି ପାଖରେ ବସିବା ପାଇଁ କହିଲେ । ସେଇ ଧାଡିରେ ଯିଏ ସାରଙ୍କ ପାଖରେ ବସିଥିଲେ, ସାମାନ୍ୟ ଘୁଞ୍ଚିଯାଇ ମୋ ପାଇଁ ଯାଗା କରିଦେଲେ ଏବଂ ସୁନ୍ଦର ହସଟିଏ ହସିଦେଇ ମୋତେ ସ୍ୱାଗତ ଜଣାଇ, ସାରଙ୍କ ନିର୍ଦ୍ଦେଶ ଅନୁସାରେ ମୋତେ କାଗଜ, କଲମ ବି ଯୋଗେଇ ଦେଲେ, ସେ ଆଉ କେହି ନୁହନ୍ତି – ଖୋଦ ଅରବିନ୍ଦ ନାଥ ମିତ୍ର – ମୋର ବନ୍ଧୁ – ସେହିଦିନ ହେଲା ଆମର ପ୍ରଥମ ସାକ୍ଷାତ – ବାସ୍ – ତା'ପରେ ବନ୍ଧୁ ହେଲୁ ଯେ ହେଲୁ – ଆଜି ଯାହା ସେ ବର୍ତ୍ତମାନରୁ ଅବର୍ତ୍ତମାନକୁ ଚାଲିଗଲେ । ମୋ ସାମନାରେ ରହିଯାଇଛି ସେହି ପ୍ରଥମ ସାକ୍ଷାତର ଲକ୍ଷେଟଙ୍କିଆ ହସ – ଜଳ ଜଳ ହୋଇ ଦିଶି ଯାଉଛି – ଆଉ ଲିଭିବାର ନାହିଁ ।

ଏକସ୍ତରୀ ବର୍ଷର ଅନୁଭୂତିରୁ କେତେ ବା ବର୍ଣ୍ଣିବି, ଆଉ ଦୁଇଟି ଘଟଣା ସମ୍ପର୍କରେ କହି ରଖିଦେଲେ ଉଚିତ ହେବ ବୋଲି ଭାବୁଛି । ଗୋଟିଏ ଘଟଣା ସେହି ପ୍ରାକ୍ଟିସିଂ ସ୍କୁଲର ଯାହାକୁ ଅରବିନ୍ଦ ମାତ୍ର କିଛିଦିନ ତଳେ ଆମରି ଆଉଜଣେ ସାଙ୍ଗ ଦେବବ୍ରତ ପଟ୍ଟନାୟକର ଦେହାନ୍ତ ସମୟରେ ତାର ସ୍ମରଣିକାରେ ଲେଖିଥିଲା । ଘଟଣାଟି ହେଉଛି ପ୍ରାକ୍ଟିସିଂ ସ୍କୁଲରେ ହୋଇଥିବା ଏକ ଛୋଟ ନାଟକ, ଯାହାର ବିଷୟବସ୍ତୁ ମହାତ୍ମାଗାନ୍ଧୀଙ୍କ ହତ୍ୟା ଉପରେ ପର୍ଯ୍ୟବେସିତ । ସେତେବେଳେ ସାର୍‌ମାନେ ହିଁ ସବୁ ଠିକ କରନ୍ତି । ଅରବିନ୍ଦ ଓ ଦେବ ଉଭୟଙ୍କୁ ଦୁଇ ଯମଦୂତ ଭୂମିକାରେ ଅଭିନୟ କରିବା ପାଇଁ ସୁଯୋଗ ମିଳିଥିଲା । ସେହି ଭୂମିକାରେ କୌଣସି ସଂଳାପ ନଥିଲା ଏବଂ ମେକ୍‌ଅପ ନିଜେ ନିଜେ – ସେ ଦୁଇଜଣ ସେଦିନ ପ୍ରାୟ କେତେ ବୋତଲ ବାଇଗଣି ରଙ୍ଗର ସିହାଇ ପରସ୍ପରଠାରେ ବୋଳିହୋଇ ଯେଉଁ ଆନନ୍ଦରେ ଅଭିନୟ କଲେ ତାହା ଦେଖିବାର କଥା । ଅବଶ୍ୟ, ତା'ପରେ ମୁହଁ ଦେହରୁ ସିହାଇ ଛଡ଼େଇବାର ଘଟଣା ସବୁଦିନ ପାଇଁ ମନେ ରହିଥିବ । ବନ୍ଧୁ ମୋର ବାରମ୍ବାର ଏହି ନାଟକ କଥା ମନେ ପକାଏ ଓ ମୋ ସହିତ ବାଣ୍ଟେ । ଆଉ ଦିନକର ଘଟଣା । ସେତେବେଳକୁ ସେ ଖୋର୍ଦ୍ଧା କଲେଜରେ କେବଳ ଛାତ୍ର ନୁହେଁ ଛାତ୍ରନେତା,

ଏକାବେଳକେ ପ୍ରେସିଡେଣ୍ଟ, ଆଉ ମୁଁ ରାଉରକେଲାରେ ଅଧ୍ୟୟନ ରତ । ସେତେବେଳେ ଆମ ଘରକୁ ଆସିବା ପାଇଁ କଲେଜ ବାଟେ ଆସିଲେ ସୁବିଧା ହୁଏ । ମୁଁ ଥରେ କଲେଜ ସାମନା ଦେଇ ଆସୁଥାଏ, କିଛି ଗୋଟେ ସଭା ଚାଲିଥିବାର ଦେଖିଲି, ଯେଉଁଥିରେ ଅରବିନ୍ଦ ସଭାପତି ହିସାବରେ ବସିଛି । ମୁଁ କିଛି ସମୟ ସେଠି ଦର୍ଶକମାନଙ୍କ ଭିତରେ ଅଟକିଗଲି – ମୂଳକଥା– ଅରବିନ୍ଦର ଭାଷଣ ଶୁଣିବାକୁ ଆଗ୍ରହ ହେଲା । ଶୁଣିଲି – ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲି – ମୁଁ କେବେ ଭାବିପାରି ନଥିଲି ଯେ ଏଇ ସବୁବେଳେ ଚୁପଚାପ୍ ଅତି ଶାନ୍ତ ମଣିଷଟି ଏପରି ଓଜସ୍ୱିନୀ ନେତାଜି-ମାର୍କା ଭାଷଣ ଦେଇ ପାରିବ । ତା'ପରେ, ମୁଁ ଯେତେବେଳେ ତାକୁ ଏ'କଥା କହିଲି – ସିଏ ସେଇ ଲକ୍ଷେଟଙ୍କିଆ ହସଟିଏ ଉପହାର ଦେଇ କହିଲା – ରାଜୁରେ, ତୋର ଅତି ଶାନ୍ତ ବନ୍ଧୁ ଏବେ ଅତି ଦୁର୍ଦ୍ଦାନ୍ତ ବନ୍ଧୁ ପାଲଟି ଯାଇଛି । ତା'ପରେ ସେ ପାଖରେ ବସି ତା' ଦୁର୍ଦ୍ଦାନ୍ତ କାହାଣୀରୁ କେତୋଟି ବର୍ଣ୍ଣନା କଲା । ଆଶ୍ଚର୍ଯ୍ୟ ତ ହେଲି, କିନ୍ତୁ ଦୁର୍ଦ୍ଦାନ୍ତ-ପଣିଆଁ ପାଇଁ ଯେତିକି ନୁହେଁ ତା'ଠାରୁ ଢେର ବେଶୀ ସେହି କାହାଣୀ ପଛରେ ଥିବା ଉଦ୍ଦେଶ୍ୟର ମହତ-ପଣିଆଁ ପାଇଁ । ଧନ୍ୟ ବନ୍ଧୁ ! ସମସ୍ତେ ତ ଦେଖିଲେ – ତୁ ମହତ-ପଣିଆଁକୁ ଧରି ଧରି ଜୀବନ ବଞ୍ଚିଗଲୁ । ସମସ୍ତେ ବି ନିଶ୍ଚିତ ଯେ ତୁ ଯେଉଁଠି ବି ଥିବୁ – ବସି ରହିବୁନି - ମହତ ଉଦ୍ଦେଶ୍ୟରେ କାମ ହିଁ କରିଚାଲିଥିବୁ । ଶାନ୍ତି ପାଇ ଭଗବାନଙ୍କର ସାନ୍ନିଧ୍ୟ ପାଆ ବନ୍ଧୁ ମୋକ୍ଷ ପାଆ ।



# କେତୋଟି ମୁହୂର୍ତ୍ତର ସ୍ମାରକୀ

## ଉମାଶଙ୍କର ପ୍ରସାଦ

ଅରବିନ୍ଦ ଭାଇ ଥିଲେ ଜଣେ କର୍ମଯୋଗୀ । ୧୯୪୮ ମସିହାରେ ପାଇକ ସ୍ମୃତି ବିଜଡିତ ଖୋର୍ଦ୍ଧା ମାଟିରେ ଜନ୍ମ ଲାଭ କରିଥିଲେ । ତିନଟି ଜିଲ୍ଲା ଖୋର୍ଦ୍ଧା, କଟକ,ଭୁବନେଶ୍ୱରରେ ସେ ଅଧ୍ୟୟନ କରିଥିଲେ । ଉତ୍କଳୀୟ ଜନଜୀବନକୁ ମାନବତା, ସହୃଦୟତା ଏବଂ ରାଷ୍ଟ୍ରୀୟ ଆଧାରରେ ନିଜର ସୃଜନଶୀଳତାର ସ୍ୱରକୁ ସର୍ବଦା ମୁଖରିତ କରିଛନ୍ତି । ଆରକ୍ଷୀ ବିଭାଗରେ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ଓ ତାଲିମ କେନ୍ଦ୍ରରେ, ସପ୍ତମ ବ୍ୟାଟାଲିୟାନର ସେନାନାୟକ ଭାବେ ଯୁବସେବା ନର୍ଦ୍ଦେଶାଳୟରେ ନର୍ଦ୍ଦେଶକ ଭାବରେ ନିଜ ପ୍ରଦେଶ ତଥା ବାହାର ପ୍ରଦେଶରେ ନିଜର କୃତିତ୍ୱ ପାଇଁ ପୁରସ୍କୃତ ହୋଇ ଖୋର୍ଦ୍ଧା ମାଟିକୁ ଗର୍ବିତ କରିଛନ୍ତି । ପୋଲିସ ବିଭାଗରେ କାର୍ଯ୍ୟକରି ମଧ୍ୟ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ନିଜର ଦୃଷ୍ଟିଭଂଗୀ, ଅନୁଭୂତି ଓ ଦାର୍ଶନିକ ଭାବନାକୁ ସେ ବ୍ୟକ୍ତ କରିଛନ୍ତି ତାଙ୍କ ରଚିତ ବିଭିନ୍ନ ଗଳ୍ପ ଓ କବିତାରେ । ଯାହା ଉତ୍କଳର ସାଧାରଣ ମଣିଷର ହୃଦୟକୁ ସ୍ପର୍ଶ କରିଛି । ଗପ ହେଉଛି ସାହିତ୍ୟର ଏପରି ମାଧ୍ୟମ ଯାହା କୋମଳ ଶିଶୁ ଆଖିକୁ ତନ୍ଦ୍ରାରେ ଢାଙ୍କି ଦେଇଥାଏ । ଆଜିବି ସେହି ଗପ ଯାହା ପ୍ରାଚୀନତମ ରୂପ ଋଗ୍‌ବେଦ କାଳରୁ ପ୍ରଚଳିତ । ଅରବିନ୍ଦ ଭାଇ ନିଜ "ସମର୍ପିତ" ଗଳ୍ପ ଗୁଚ୍ଛରେ ଯେଉଁ ଚରିତ୍ର ଗୁଡିକର ନିଜର ଆଖିଦେଖା, ଅଙ୍ଗେନିଭା ଘଟଣା ଗୁଡିକୁ ଆବେଗର ପୁଟଦେଇ ଅତି ଚମତ୍କାର ଭାବେ ବାଢିଛନ୍ତି ତାହା ଅତ୍ୟନ୍ତ ଚିତହରା । ଆମ ସମାଜରେ ତଳବର୍ଗର ମଣିଷଙ୍କ ପ୍ରତି ଅବିଚାର, ମାନବୀୟ ଅଧିକାରକୁ ଉଲ୍ଲଂଘନ କରିବା ସଙ୍ଗେ ସଙ୍ଗେ ଉପରର ମଣିଷମାନେ ଅଥବା ମହାନ୍ ବ୍ୟକ୍ତିମାନେ ସେଥିପ୍ରତି ଭ୍ରୁକ୍ଷେପ ନକରିବା ଘଟଣା ତାଙ୍କୁ ବହୁତ ବ୍ୟଥିତ କରିଛି ।

ଅରବିନ୍ଦ ଭାଇ ନିଜ ଅବର୍ତ୍ତମାନର ୧୫ ଦିନ ପୂର୍ବରୁ ରାତି ୮ଟା ୪୫ ମିନିଟ୍ ରେ ମୋତେ ଫୋନ କଲେ ଓ କହିଥିଲେ ଉମା ଆମର ସ୍କୁଲ ମାଗାଜିନ୍ କିପରି ଅଛି ବେଳେବେଳେ ଯାଇକି ଦେଖୁଛ ତ ? ମୁଁ କହିଥିଲି ଭାଇ ଆମେ ଜଣେ ଦାୟୀତ୍ୱବାନ ବ୍ୟକ୍ତି ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୁସାରଙ୍କ ହାତରେ ନ୍ୟସ୍ତ କରିଛୁ ତେଣୁ କିଛି ଅସୁବିଧା ନାହିଁ । ଉତ୍ତରରେ ଅରବିନ୍ଦ ଭାଇ କହଥିଲେ ପ୍ରାକ୍ତନ ଛାତ୍ର ତଥା ଆଲୁମୁନୀ କମିଟିର ଏହା କ'ଣ ଆମ ଦାୟୀତ୍ୱ ବାହାରେ ? ଏଭଳି ଅନେକ ସ୍କୁଲର ୧୨୫ ତମ ସାମ୍ବତ୍ସରିକ ଉତ୍ସବ ପାଳନ ବିଷୟରେ କହିଥିଲେ ଉମା ମୋର 'ଅବଶୋଷ' ରହିଗଲା । ଏହା ଶୁଣିଲା ପରେ ହଠାତ କାହିଁକି ମନ୍ଦ ଭାବନା ମନକୁ ଆସିଥିଲା । ମୁଁ ପଚାରିଥିଲି ଭାଇ କାହିଁକି ଏପରି କହୁଛନ୍ତି ? ସେ କହିଥିଲେ ମଣିଷ ଜୀବନ, ପାଣି ଫୋଟକାଠୁ ବି ହୀନ ମୁଁ କହିଥିଲି ଭାଇ ବିଧାୟକ ତ ଦାୟୀତ୍ୱ ନେଇଛନ୍ତି ଏପ୍ରିଲ ମାସରେ ଆମର ୧୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହବ, ଟିକେ ହସିଥିଲେ ଓ ପୁନର୍ବାର କହିଥିଲେ "ଅବଶୋଷ"ରହିଗଲା । ସେଇ ଧାଡିଏ କଥା ମୋର ହୃଦୟକୁ ବିଗଳିତ କରିଥିଲା । ତା ଆରଦିନ ମୁଁ ରାଂଚି ପଳାଇଗଲି ୫ ଦିନ ପରେ ଫେରିଲି ଭୁବନେଶ୍ୱର । ଏବଂ ଗତ ସୋମବାର ଦିନ ଖୋର୍ଦ୍ଧା ଫେରିଲି । ମଙ୍ଗଳବାର ଦିନ ରାତି ୯ଟା୪୫ ରେ ବିମଳ ଷଡଙ୍ଗୀ (ଭାଇ) ଫୋନ କରି କହିଲେ ଉମାବାବୁ ଅରବିନ୍ଦ ଭାଇ ଆମକୁ ଛାଡି ଚାଲିଗଲେ । ସ୍ତମ୍ଭିଭୁତ ହୋଇ ଯାଇଥିଲି ଆଖିରୁ ଦୁଇଟୋପା ଲୁହ ଗଡି ଆସିଥିଲା । ତା'ପରେ ଦେବୁ ସାର, ବାବୁଲି ବାବୁ, ବନ୍ଧୁ ଜବାହାର ଓ ମୋର ସମସ୍ତ ପରିଚିତ ବ୍ୟକ୍ତି ବିଶେଷଙ୍କୁ ଏ ଦୁଃଖଦ ଖବର

ଜଣାଇଥିଲି ଓ ସମସ୍ତେ ମ୍ରିୟମାଣ ହେବାସହ ଭାଙ୍ଗି ପଡିଥିଲେ। ଆମ ପ୍ରାକ୍ତନ ଛାତ୍ର ସଂସଦର ଜଣେ ମୁରବୀଙ୍କୁ ଆମେ ହରାଇଥିଲୁ। ଏହି ସ୍କୁଲର ୧୨୫ ତମ ସାମ୍ବତ୍ସରିକ ଉତ୍ସବ ପାଇଁ ସେ ଅନେକଥର ନିଜ ଭୁବନେଶ୍ୱର ସ୍ଥିତ ବାସଭବନରେ ବୈଠକ ଓ ନିଜ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ବୈଠିକ କରି ରାଜକିଶୋର ପରମଗୁରୁ (ଭାଇ), ବିଜୟ କେତନ ଭାଇ, ମେକପ ବାବୁ, ଲକ୍ଷ୍ମୀନାରାୟଣ ଭଞ୍ଜ, ପ୍ରଫେସର ଗୋପାଳ ଦାସ,୧୨୫ ବର୍ଷ କମିଟି ପାଳନର ସଂଯୋଜକ ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବପ୍ରସାଦ ମଜୁମଦାର ଏବଂ ମୋତେ ଡକାଇ ସ୍କୁଲ ମାଗାଜିନ ପ୍ରସ୍ତୁତି ଓ ଉତ୍ସବ ପାଳନ ପାଇଁ ତାଙ୍କର ସୁଚିନ୍ତିତ ମତାମତ ଓ ଉପଦେଶ ଦେଇଥିଲେ। ଆଜି ସେ ପାଲଟି ଗଲେ 'ସ୍ମୃତିର' ମଣିଷ ଅରବିନ୍ଦ ଭାଇ। ଅଣଲେଉଟା ପୁରରେ ଥାଇ ଆଶିର୍ବାଦ ବିତରୁ ଥାନ୍ତୁ ବିଦ୍ୟାଳୟର ୧୨୫ ବର୍ଷ ପୂର୍ତ୍ତି ଉତ୍ସବ ଶୁରୁଖୁରୁରେ ପାଳନ ହେଉ। ତାଙ୍କର ପବିତ୍ର ଆତ୍ମାର ସଦ୍‌ଗତି ହେଉ ଏହାହିଁ କୋଟି କୈବଲ୍ୟର ନାଥ ଜଗନ୍ନାଥଙ୍କ ପଦାର ବିନ୍ଦରେ ପ୍ରଣତି।

ମିଡିଆ ସଂଯୋଜକ ପ୍ରାକ୍ତନ ଛାତ୍ରସଂସଦ
ବିଜେବି ହାଇସ୍କୁଲ,ଖୋର୍ଦ୍ଧା

# ଖାଣ୍ଟି ପୁତ୍ର ଅରବିନ୍ଦ ମିତ୍ର

## ପ୍ରଫେସର ଡ. ବୃନ୍ଦାବନ ପଣ୍ଡା

ଖୋରଧାର ଖାଣ୍ଟି ପୁତ୍ର ଅରବିନ୍ଦ ମିତ୍ର
ଖୁସି ମନେ ସ୍ୱର୍ଗ ଗଲେ ପୁରାପୁରି ସତ୍ୟ
ଖୋରଧା କ୍ଷେତ୍ରେ ଜନମି ରଖିଲେ କିରତୀ
ଖାଣ୍ଟି ପ୍ରଶାସକ ଭାବେ ସ୍ଥାୟୀ ଭାବମୂର୍ତ୍ତି
ଖୋରଧାର ପ୍ରାଣନାଥ ମହାବିଦ୍ୟାଳୟେ,
ଖୁବ୍ ସାହସୀ ଛାତ୍ର ନେତା ଜାଣନ୍ତି ସଭିଏଁ
ଖ୍ୟାତି ସ୍ତମ୍ଭ ସ୍ଥାପିଲେ ଦୁର୍ଗପତି ଭାବେ
ଖୋର୍ଦ୍ଧାରୁ ଓଡ଼ିଶା ସାରା ଜାଣନ୍ତି ସରବେ
ଖୁବ୍ ଜ୍ଞାନବାନ ତେଣୁ ଅଧକ୍ଷ ଆସନ
ଖୁସିରେ ଗୃହ ବିଭାଗ କରିଲା ପ୍ରଦାନ
ଖ୍ୟାତନାମା ପୋଲିସ୍ ଟ୍ରେନିଂ କଲେଜ
ଖୁବ୍ ଆଗେଇଲା ପାଇ ତାଙ୍କ କାର୍ଯ୍ୟ
ଖୋରଧା ମାଆ କୋଳ କରିଦେଇ ଖାଲି
ଖୁସିରେ ସ୍ୱର୍ଗରେ ଥାଅ ଦିଏ ଶ୍ରଦ୍ଧାଞ୍ଜଳି

**ବିଶ୍ୱ ଲିଜେଣ୍ଡାରୀ କବି, କୈବଲ୍ୟ କୁଟୀର, ଖୋର୍ଦ୍ଧା**
**ମୋ : ୯୪୩୭୩୩୦୦୪୨**

# ଖୋରଧା ତୁମକୁ ଝୁରେ

## ଡ.ବିଜୟ କେତନ ପଟ୍ଟନାୟକ

"ଟେକି ଦେଲେ ଯହୁଁ ଛାର ମାଟି ଖଣ୍ଡି
ମିଳିଯାଏ ବୀର ମେଦ, ଅସ୍ଥି, ଗ୍ରନ୍ଥି।"

ସ୍ୱର୍ଗତ ପଦ୍ମଚରଣ ପଟ୍ଟନାୟକଙ୍କର ଖୋରଧା ପ୍ରଥମ ଦର୍ଶନେ କବିତାର ସୁନ୍ଦର ପଂକ୍ତିଟିଏ। ପାଇକ ପୁଅର ରକ୍ତ ରଂଜିତ ଖୋରଧା ମାଟିର, ବୀରଭୂମି ଖୋର୍ଦ୍ଧାର ଅନ୍ୟତମ ସୁଯୋଗ୍ୟ ସନ୍ତାନ ଥିଲେ ଅରବିନ୍ଦ ମିତ୍ର। ଅନେକଙ୍କ ମଧ୍ୟରେ ଏକ। ତାରାଙ୍କ ମେଳରେ ଉଜ୍ୱଳ, ଆଲୋକିତ ଜହ୍ନ। ଏବେ ସେ ଜହ୍ନ ଅସ୍ତମିତ। ତାରାମାନେ ନିର୍ବାକ। ଆକାଶରେ ଆସନ୍ନ ଅନ୍ଧକାରର ଛାୟା ପଟଳ।

୧୯୬୫ ପର୍ଯ୍ୟନ୍ତ ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲରେ ମୁଁ ତାଙ୍କ ତଳ ବ୍ୟାଚରେ ପଢୁଥିଲି। ପରେ ବାଣୀବିହାରରେ ଉଭୟ ସହପାଠୀ ହୋଇଗଲୁ। ଅବଶ୍ୟ ପ୍ରାଣନାଥ କଲେଜରୁ ଆସିଥିବାରୁ ମୁଁ ଅରବିନ୍ଦ, ବିଷ୍ଣୁପ୍ରସାଦ ଏବଂ ଦେବଦାସଙ୍କ ମଧ୍ୟରେ ଗଢି ଉଠିଥିଲା ପୁରାତନ ସଂପର୍କର ସାନିଧ୍ୟ। ଏନ.ସି.ସି.ର ଅଣ୍ଡର ଅଫିସର ଭାବରେ ବିଶିଷ୍ଟ କ୍ରୀଡାବିତ୍ ଓ କ୍ରୀଡ଼ା ସଂଗଠକ ଭାବରେ, ଜଣେ ଦକ୍ଷ ଫୁଟବଲ ଖେଳାଳି ହିସାବରେ ଏବଂ ବିଶେଷକରି ଖୋର୍ଦ୍ଧା କଲେଜ ଛାତ୍ର ସଂସଦର ସଭାପତି ହିସାବରେ ସେ ତାଙ୍କର ଅନେକ ପ୍ରଶଂସକ ଓ ଅନୁଗାମୀଙ୍କୁ ଯୋଗାଡ କରି ନେଇଥିଲେ, ବାଣୀବିହାର କ୍ୟାମ୍ପସରେ।

ବାଣୀବିହାର ଛାଡିବାର କିଛିବର୍ଷ ପରେ ୧୯୭୦ ଏବଂ ୧୯୭୧ ରେ ସେଠାରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀଙ୍କୁ ଛାଡିବାର କିଛିବର୍ଷ ପରେ ୧୯୭୦ ଏବଂ ୧୯୭୧ ରେ ସେଠାରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀଙ୍କୁ ନେଇ ଭାନ୍-୭୦, ଗ୍ରୁପ୍ ଗଠିତ ହୋଇଥିଲା। ପ୍ରତିବର୍ଷ ଏହି ଗ୍ରୁପର ବାର୍ଷିକ ମିଳନ ଓ ପିକ୍‌ନିକ୍ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିଲା। ସଂସ୍ଥାର ମୁଖ୍ୟ ଥିଲେ ଅବସରପ୍ରାପ୍ତ ରାଜ୍ୟର ମୁଖ୍ୟ ଶାସନସଚିବ ଜିତ୍ ତ୍ରିପାଠୀ। ଭୋଜି ଭାତର ସମସ୍ତ ପରିଚାଳନା ଦାୟିତ୍ୱ ଅରବିନ୍ଦ ଭାଇ ନେଉଥିଲେ। ରାଜ୍ୟ କ୍ରୀଡା ନିର୍ଦ୍ଦେଶକ ଏବଂ ପରେ ଭୁବନେଶ୍ୱର ସ୍ଥିତ ସପ୍ତମ ବାଟାଲିୟନର କମାଣ୍ଡାଣ୍ଟ ଭାବେ ସେ ୨୦୦୮ ମସିହାରେ ଚାକିରୀରୁ ଅବସର ନେଇଥିଲେ। ପୁରୀ ରଥଯାତ୍ରା ଓ କଟକ ବାଲିଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ କରିବାକୁ ଅରବିନ୍ଦ ଭାଇଙ୍କୁ ଖୋଜାପଡେ। ମୋର ଏବେବି ସ୍ପଷ୍ଟ ମନେଅଛି। ଏକଦା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ପରେ ଡର ଅଗ୍ରଭାଗରେ ରହି ସେ ପରିଚାଳନା କରୁଥିଲେ। ସେ ସମୟରେ ତାଙ୍କର ଓଜସ୍ୱିନୀ କମାଣ୍ଡ ଏବେବି ମୋ କାନରେ ଗୁଞ୍ଜରିତ ହୋଇଉଠେ।

ତରୁଣ ଶବ୍ଦ କୋଷରେ କୁହାଯାଇଛି ଅରବିନ୍ଦ ଶବ୍ଦର ଅର୍ଥ ପଦ୍ମ, ପଦ୍ମ ପରି ତଳତଳ, ଛଳ ଛଳ,ଶାଳଗଛ ପରି ଡେଙ୍ଗା ଗୋରା ଚକଚକ ଚେହେରା। ଭିଡ ଭିତରେ ମଧ୍ୟ ସେ ବାରି ହୋଇ ପଡନ୍ତି। ସିଧା ସଳଖ ପ୍ରତ୍ୟକ୍ଷ ରାଜନୀତିରେ ସେ ପଶି ନଥିଲେ। କିନ୍ତୁ ଖୋର୍ଦ୍ଧା ଓ ପାଖ ଆଖର ରାଜନୀତି କରୁଥିବା ସମସ୍ତଙ୍କ ପାଇଁ ସେ ଥିଲେ ଦିଗ୍‌ଦର୍ଶନର ଉତ୍ସ। ବିଶାଳ ବ୍ୟକ୍ତିତ୍ୱ, ପ୍ରାକୃତିକ ଲିଡର, ଚନ୍ଦକା ଅଭୟାରଣ୍ୟ ସନ୍ନିକଟ କଣ୍ଟାବାଡଠାରେ ତାଙ୍କର ପୈତୃକ ଚାଷଜମି ରହିଛି। ସେଠାରେ ପୂଜା ପାଆନ୍ତି ମା'ବନଦୁର୍ଗା। ପ୍ରତିବର୍ଷ ଚାରିଥର ରଜସଂକ୍ରାନ୍ତି, ପ୍ରଥମାଷ୍ଟମୀ ଏବଂ ନବରାତ୍ର ଅବସରରେ ଆମେ ସମସ୍ତେ ସେଠି ଏକାଠି ହେଉ। ଢିଙ୍କିଶାଳରୁ ଢେଙ୍କାନାଳ ଯାଏ ଚର୍ଚ୍ଚା ଚାଲେ। ନିଜେ ଅନେକ ସମୟରେ ଅସୁସ୍ଥ ରହୁଥିବା କାରଣରୁ ପ୍ରାୟତଃ ଖୋର୍ଦ୍ଧା ଯାଇପାରୁ ନଥିବାରୁ କଣ୍ଟାବାଡରେ ବା ବେଳେବେଳେ ଭୁବନେଶ୍ୱର

ସ୍ଥିତ ତାଙ୍କ ଫ୍ଲାଟର ତଳ ସମ୍ମିଳନୀ ହଲରେ ହୋଇଥାଏ। ଖୋର୍ଦ୍ଧା ବିଜେବି ହାଇସ୍କୁଲର ଆଲୁମିନି ମିଟିଙ୍ଗ କେମିତି ପାଳିତ ହେବ ହାଇସ୍କୁଲର ୧୨୫ ତମ ବାର୍ଷିକୀ। ଶତବାର୍ଷିକୀ ପାଳନ ବେଳକୁ ସେ ନିଜେ ବେଶ୍ ସକ୍ରିୟ ଥିଲେ ଏବଂ ସବୁ ଦାୟିତ୍ୱ ତାଙ୍କରି ନିର୍ଦ୍ଦେଶରେ ସଂପାଦିତ ହେଉଥିଲା।

ଚଳିତ ବର୍ଷ ମାର୍ଚ୍ଚ ମାସ ୧୯ ତାରିଖ ହ୍ୱାଟସ୍ ଆପ୍ ଗ୍ରୁପରେ ମା'ବନଦୁର୍ଗାଙ୍କର ଫଟୋ ପୋଷ୍ଟ କରି ନବରାତ୍ର ପୂଜା ଆରମ୍ଭ ହୋଇଛି ବୋଲି ସେ ସମସ୍ତଙ୍କୁ ଜଣାଇଥିଲେ। କେବେ ଉଦ୍‌ଯାପନ ଉତ୍ସବରେ ବନ୍ଧୁ ମିଳନରେ ହେବ ସେଥିପାଇଁ ସମସ୍ତେ ଅପେକ୍ଷା କରି ରହିଥିଲୁ। ସେ ଅପେକ୍ଷିତ ମୁହୂର୍ତ୍ତ ଆଉ ଆସିଲା ନାହିଁ। ମାର୍ଚ୍ଚ ୨୨ ତାରିଖ ଉତ୍ତୀର୍ଣ୍ଣ ସଂଧ୍ୟାରେ ସେ ଅକସ୍ମାତ୍ ହୃଦଘାତରେ ଆମ ସମସ୍ତଙ୍କୁ ଶୋକାପ୍ଲୁତ କରି ଚାଲିଗଲେ ଅଜଣା ରାଇଜକୁ। ଆକାଶର ତାରା ହୋଇଗଲେ।

ମୃତ୍ୟୁବେଳକୁ ତାଙ୍କର ଦୁଇଟି ମୁଖ୍ୟ ଅବଶୋଷ ରହିଗଲା। ପ୍ରଥମଟି ଖୋର୍ଦ୍ଧା ବି.ଜେ.ବି ହାଇସ୍କୁଲର ୧୨୫ତମ ବାର୍ଷିକୀ ପାଳନ। ଯାହାପାଇଁ ସେ ପରୋକ୍ଷରେ ଅଥବା କଦବା କ୍ୱଚିତ୍ ପ୍ରତ୍ୟକ୍ଷରେ ଗତ ତିନିବର୍ଷ ହେଲା, ଅହରହ ଚେଷ୍ଟା କରି ଆସୁଥିଲେ। ଏପରିକି ତାଙ୍କ ଉଦ୍ୟମରେ ସ୍କୁଲର ୧୨୫ ତମ ବିଶେଷ ବାର୍ଷିକ ମୁଖପତ୍ର ଅବକାଶ ଛପା ହୋଇ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇ ସାରିଛି। ଦ୍ୱିତୀୟ ଅବଶୋଷଟି ହେଲା ତାଙ୍କ ଲିଖିତ ଉପନ୍ୟାସ ଅଧାଜହ୍ନ ର ଲୋକାର୍ପଣ। ସଂଗଠନ, ସମାଜରେ ରୁଚି ରଖିଥିବା ମଣିଷଟି ଜଣେ ସଫଳ ସାହିତ୍ୟିକ ମଧ୍ୟ ଥିଲା। ତାଙ୍କର ଶେଷ ଉପନ୍ୟାସ ଅଧାଜହ୍ନ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ସାରିଛି। କେବଳ ଲୋକାର୍ପିତ ହେବା ଅପେକ୍ଷାରେ। ମନ ଘୋଡା, ଲଗାମ ନଥାଏ। ଯୁଆଡେ ଚାହେଁ ସେ ଦୌଡିପାରେ। ଏଥର କିନ୍ତୁ ମାଡ୍ ଖାଇଗଲା। ଶୁଣି ଖୁସି ଲାଗିଲା। ତାଙ୍କ ସ୍ମୃତିଚାରଣ ସଭାରେ ଖୋର୍ଦ୍ଧାଠାରେ ପୁସ୍ତକଟି ଲୋକାର୍ପିତ ହେବାର ଅଛି।

ଯୁବ ଆଲୁମିନିମାନଙ୍କ ଉଦ୍ୟମରେ ଖୋର୍ଦ୍ଧା ବକ୍ସିଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୫ ତମ ବାର୍ଷିକୀ ଉତ୍ସବପାଳନ ହେବ। ସେହି ଅମର ଆତ୍ମା ପାଇଁ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି। ଆତ୍ମାର ସଦ୍‌ଗତି କାମନା କରିବା ସହ ଅରବିନ୍ଦ ଭାଇଙ୍କ ପରିବାରକୁ ସହାୟ ହେବାପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା।

ଶୋକାଭିଭୂତ



# ପ୍ରିୟ ବନ୍ଧୁ ଅରବିନ୍ଦ ମିତ୍ରଙ୍କ ଅବର୍ତ୍ତମାନରେ

## ଡ଼କ୍ଟର ପ୍ରଫୁଲ୍ଲ କୁମାର ସାମନ୍ତରାୟ

ମାର୍ଚ୍ଚ ବାଇସି ଦି'ହଜାର ଛବିଶି ରାତି ଆଠଟା ସମୟ
ମୋର ପ୍ରିୟ ବନ୍ଧୁ ଅରବିନ୍ଦ ମିତ୍ର ସଂସାରୁ ହେଲେ ବିଦାୟ ।
"କେହି ରହି ନାହିଁ ରହିବେ ନାହିଁଟି ଭବ ରଙ୍ଗ ଭୂମିତଳେ
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ ।"
"ଜନମ ମରଣ ବରଷା – ଯା'କୁ ନ ଜାଣନ୍ତି ପୁରୁଷା
ମର୍ତ୍ତ୍ୟ ମଣ୍ଡଳେ ଦେହ ବହି –ଦେବତା ହେଲେ ବି ମରଇ"
ଏହି ନ୍ୟାୟରେ:– ଖୋର୍ଦ୍ଧା ଅଂଚଳର ମାନ୍ୟ ଗଣ୍ୟ ବ୍ୟକ୍ତି,
ଖୋର୍ଦ୍ଧା ବାସ ଭବନରେ
ଲୁହଭିଜା ଶ୍ରଦ୍ଧାଞ୍ଜଳି ଜଣାଇଲେ ଶବାଧାର ନିକଟରେ ।
ଶ୍ୟାମ ମାଧବ–ବାସନ୍ତୀ ପିତା–ମାତାଥିଲେ ଅରବିନ୍ଦଙ୍କର
ପ୍ରାକ୍ତନ ଏମ୍.ଏଲ.ଏ ଜିତୁ ମିତ୍ର କନିଷ୍ଠ ଭ୍ରାତା ଅଟନ୍ତି ତାଙ୍କର ।
ଖୋର୍ଦ୍ଧା କଲେଜରେ ଅରବିନ୍ଦ ଶ୍ରେଷ୍ଠ ଖେଳୁଆଡ଼ ଥିଲେ
ଛାତ୍ରନେତା ଭାବେ ଛାତ୍ର ଛାତ୍ରୀଙ୍କର ଆଦର ସାଉଂଟି ଥିଲେ ।

ସାଙ୍ଗ ହୋଇ ଆମେ ପାଠ ପଢୁଥିଲୁ ପ୍ରି–ପ୍ରଫେସ୍‌ନାଲ ଶ୍ରେଣୀରେ
ସେ ଦିନର କଥା ମନେ ପଡ଼ିଗଲେ ଆଖିରୁ ଲୋତକ ଝରେ ।
ସୁନାମ ଧନ୍ୟ କମାଣ୍ଡାଂଟ୍ ଭାବେ ସେ ଜଣେ ନାମକରା ବ୍ୟକ୍ତି
ପ୍ରଶାସନ କ୍ଷେତ୍ରେ ସର୍ବଦା ତାଙ୍କର ଥିଲା ସାହାସ ଓ ଶକ୍ତି ।

ବହୁ ପିଲାଙ୍କୁ ଚାକିରୀ ଦେବାରେ ସେ ଥିଲେ ଦୟାବନ୍ତ
ତାଙ୍କୁ ଯେତେ ପ୍ରଶଂସା କଲେ ବି ହେବ ନାହିଁ କେବେ ଅନ୍ତ ।
ପି.ଏନ୍. କଲେଜ ଆଲୁମିନି ସଭାରେ ହୋଇଛୁ ଆମେ ଏକାଠି
ଅରବିନ୍ଦଙ୍କର ଅବର୍ତ୍ତମାନରେ ମନେ ପଡୁଛି ପୁରୁଣା ଖଟି ।

ଏନ.ସି.ସି.ର ବିଶିଷ୍ଟ କାଣ୍ଡିଡେଟ୍ ଭାବରେ ପାଇଥିଲେ
ପୁରସ୍କାର
ଜାଭେଲିନ୍ ଥ୍ରୋ'ରେ ପ୍ରଥମ ସ୍ଥାନ କରିଥିଲେ ଅଧିକାର ।
ଖୋର୍ଦ୍ଧା ଗର୍ବ, ଗଉରବ ସାଉଂଟିବାରେ ସିଏ ତ ଥିଲେ ଅନନ୍ୟ
ଅଣାଅଶିଟି ବସନ୍ତ ଅନୁଭବରେ ଜୀବନ ହୋଇଛି ଧନ୍ୟ ।

ବରୁଣେଇରୁ ପାଇକ ମଶାଲ ଧରି ଭୁବନେଶ୍ୱର ଯାତ୍ରାରେ
ତୁମେ ବି ସାମିଲ ହୋଇଥିଲ ଆମ କଳିଙ୍ଗ ପାଇକ ସଂଘରେ ।
କେବେ କେବେ ଦେଖା ହେଲେ ତୁମେ ଡ଼ାକୁଥିଲ ଆରେ
ପ୍ରଫୁଲ୍ଲ
ଅରବିନ୍ଦ ସବୁ ଦିନ ପାଇଁ ତୁମେ ଆମକୁ ଛାଡ଼ିଚାଲିଗଲ ।

ତୁମ ନିଜ ଅଭିଜ୍ଞତାରୁ କିଛି ପୁସ୍ତକ ରଚନା କରିଛ
(ସୟଦ ସାମ୍‌ସୁର) ଅଲ୍ଲି ବହି ଦୋକାନୀଙ୍କ ମଧ୍ୟମରେ ମୋ
ପାଖକୁ ପଠାଇଛ ।
ବହିର ପ୍ରଥମ ପୃଷ୍ଠାରେ ତୁମରି ଦସ୍ତଖତ ରହିଅଛି
ପାଠପଢିବାର ସେ ପୁରୁଣା ସ୍ମୃତି ଏବେ ବି ମନେ ପଡୁଛି ।

ମଣିଷ ପରି ମଣିଷଟିଏ ଥିଲ ଆମ ଖୋର୍ଦ୍ଧା ଅଂଚଳରେ
ସମ୍ମାନିତ, ସମ୍ବର୍ଦ୍ଧିତ ହୋଇଥିଲେ ବି ଗର୍ବ ନ ଥିଲା ମନରେ ।
ବାଟରେ ଘାଟରେ ଦେଖି କହୁଥିଲ ତୁ କେମିତି ଅଛୁରେ
ତୁମ ହସ ହସ ମୁଖ ମନେ ପଡ଼ିଗଲେ ଦୁଇଧାର ଲୁହ ଝରେ ।
ଆହେ ! ଅରବିନ୍ଦ ମୋକ୍ଷ ଗତି ପ୍ରାପ୍ତ ହୁଅ ତୁମ ସ୍ୱର୍ଗପୁରେ
ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା, ପ୍ରଭୁ ପାଶେ ନିବେଦନ
କରେ ।

**ସଭାପତି, ପ୍ରାଥମିକ ସାହିତ୍ୟ ସମାଜ, ଖୋରଧା, ମୋ.୯୮୬୧୯୬୪୩୩୪**

# ସେ ଥିଲେ ଜଣେ କ୍ରୀଡ଼ାପ୍ରେମୀ

## ଆଶିଷ କୁମାର ରାୟ

ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଅରବିନ୍ଦ ମିତ୍ର(ଶିବୁ ଦା) ଯେ ଆଉ ନାହାନ୍ତି, ଏକଥା ବିଶ୍ୱାସ କରି ହେଉନାହିଁ । ତାଙ୍କ ମୃତ୍ୟୁର ଖବର ମୁଁ ସମ୍ବାଦପତ୍ରରୁ ହିଁ ଜାଣିବାକୁ ପାଇଲି । ଏଇ କାଲି ଭଳି ମନେ ପଡୁଛି ତାଙ୍କ କଥା, ତାଙ୍କ ସହିତ ଟେଲିଫୋନରେ ଆଳାପ । ସେ ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ଦୃଷ୍ଟିରୁ ଖୋରଧା ବହୁତ କମ ଆସୁଥିଲେ । କିଛିଥର ତାଙ୍କ ସହିତ ଦେଖା ହୋଇଛି । ମୁଁ ମଧ୍ୟ ତାଙ୍କ ଭୁବନେଶ୍ୱର ବାସଭବନକୁ ଯାଇଛି । ତେବେ ପ୍ରାୟତଃ ଫୋନ୍ ମାଧ୍ୟମରେ ତାଙ୍କ ସହିତ କଥା ହେଉଥିଲା । ବିଶେଷକରି ପୌରୁଷ ପତ୍ରିକାରେ ମୋ ଦ୍ୱାରା ଲିଖିତ କ୍ରୀଡ଼ା ସମ୍ବନ୍ଧୀୟ ଲେଖା ପଢ଼ିବା ପରେ ସେ ମୋ ପାଖକୁ ଫୋନ୍ କରନ୍ତି । ମୁଁ ମଧ୍ୟ ତାଙ୍କ ପାଖକୁ ଫୋନ୍ କରେ । ମୋର ଦୁଇଖଣ୍ଡ ବହି ମଧ୍ୟ ମୁଁ ତାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲି । କ୍ରୀଡ଼ା ବାବଦରେ ଲେଖାଯାଇଥିବା ସେହି ବହି ଦୁଇଟି ପଢ଼ି ସେ ମତାମତ ମଧ୍ୟ ଦେଇଥିଲେ ।

ପ୍ରକୃତରେ ସେ ମହାଶୟ ଥିଲେ ଜଣେ କ୍ରୀଡ଼ାପ୍ରେମୀ ବ୍ୟକ୍ତି । କ୍ରୀଡ଼ା ଦୁନିଆର ଖବର ରଖିବା ଏବଂ ସେ ବାବଦରେ ଆଲୋଚନା କରିବାରେ ତାଙ୍କର ଥିଲା ରୁଚି । ବିଶେଷକରି ଫୁଟବଲ ଓ ହକି ଖେଳ ବାବଦରେ ଆଲୋଚନା କରିବାରେ ସେ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ । ଏତଦ୍‌ବ୍ୟତୀତ ଅଥଲେଟିକ୍ସ ବା ଦୌଡ଼କୁଦ ଖେଳ ପ୍ରତି ମଧ୍ୟ ସେ ରୁଚି ରଖୁଥିଲେ । ଆଉ ମୁଁ ଖେଳ ଉପରେ ଲେଖାଲେଖି କରୁଥିବା ଯୋଗୁ ତାଙ୍କ ସହିତ ଏକ ଆତ୍ମିକ ସମ୍ପର୍କ ସ୍ଥାପିତ ହୋଇଯାଇଥିଲା । ଅରବିନ୍ଦ ମିତ୍ରଙ୍କ ବିଷୟରେ ଯାହା ଜାଣିଛି ସେଥିରୁ ସ୍ପଷ୍ଟ ଯେ ନିଜ ଯୁବ ବୟସରେ ଜଣେ ଭଲ ଖେଳାଳି ଥିଲେ । ସ୍କୁଲରେ ପଢ଼ିବା ବେଳୁ ତାଙ୍କର ଏହି ପ୍ରତିଭା ବିକଶିତ ହୋଇଥିଲା ଏବଂ ଅନେକ ବର୍ଷ ପର୍ଯ୍ୟନ୍ତ ତାହା ଜାରି ରହିଥିଲା । ଏପରିକି ତାଙ୍କ କନିଷ୍ଠ ଭ୍ରାତା ତଥା ଖୋରଧାର ପୂର୍ବତନ ବିଧାୟକ ଜ୍ୟୋତିରେନ୍ଦ୍ରନାଥ ମିତ୍ର (ଜିତୁ ଦା) ମଧ୍ୟ ଥିଲେ ଜଣେ ଭଲ ଖେଳାଳି । କଲେଜରେ ଅଧ୍ୟୟନ ସମୟରେ ଜିତୁ ଦାଙ୍କ ଦ୍ୱାରା ସ୍ଥାପିତ ୧୦୦ମିଟର ଓ ୨୦୦ମିଟର ଦୌଡ଼ର ରେକର୍ଡ ବହୁ ବର୍ଷ ପର୍ଯ୍ୟନ୍ତ ପି.ଏନ. କଲେଜର ରେକର୍ଡ ହୋଇ ରହିଥିଲା ।

ଅରବିନ୍ଦ ମିତ୍ର ମହୋଦୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ତଥା ପୁଲିସ ବିଭାଗରେ ଉଚ୍ଚପଦସ୍ଥ ଅଧିକାରୀ ଭାବେ ନିଜର ସେବା ପ୍ରଦାନ କରିବା ସମୟରେ, ବିଶେଷ କରି ଟ୍ରାଫିକ୍ ଟ୍ରେନିଂ କଲେଜର ପ୍ରିନସିପାଲ୍ ଭାବେ ଅବସ୍ଥାପିତ ହୋଇଥିବା ସମୟରେ କ୍ରୀଡ଼ା ସମ୍ବନ୍ଧୀୟ ଗତିବିଧିକୁ ଯଥେଷ୍ଟ ପ୍ରୋତ୍ସାହନ ଦେଉଥିଲେ । ଅନେକ ଖେଳାଳି ସୃଷ୍ଟି କରିବାରେ ମଧ୍ୟ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ । ସେ ଥିଲେ ଜଣେ ଉଦାର ହୃଦୟର ବ୍ୟକ୍ତି । ଅନ୍ୟମାନଙ୍କ ପ୍ରତି ସହାୟତାର ହାତ ବଢ଼ାଇବା ଏବଂ ସମାଜସେବା କରିବା ଥିଲା ତାଙ୍କର ଏକ ବିଶେଷ ଗୁଣ । ଏତଦ୍‌ବ୍ୟତୀତ ସେ ମଧ୍ୟ ଥିଲେ ଜଣେ ଲେଖକ । ବିଶେଷ କରି ଗଳ୍ପ ରଚନା କ୍ଷେତ୍ରରେ ସେ ବେଶ ପରିଚିତ । ସେ ମହାଶୟଙ୍କ ଦ୍ୱାରା ଲିଖିତ ଏକ ଗଳ୍ପ ସଂକଳନ 'ସମର୍ପିତ' କୁ ପଢ଼ିବାର ସୁଯୋଗ ପାଇ ମୁଁ ଆନନ୍ଦିତ ହୋଇଛି ଏବଂ ବଡ଼ କଥା ହେଲା, ସେହି ପୁସ୍ତକଟିକୁ ସେ ମୋତେ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ।

ଏଭଳି ଜଣେ ଅମାୟିକ କ୍ରୀଡ଼ାପ୍ରେମୀ ତଥା ସାହିତ୍ୟପ୍ରେମୀ ବ୍ୟକ୍ତିତ୍ୱ ଏବେ ଆଉ ଆମ ଗହଣରେ ନାହାନ୍ତି, ଯାହାକି ଏକ ବହୁତ ବଡ଼ କ୍ଷତି, ମୋ ପାଇଁ ଏବଂ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କ ପାଇଁ ମଧ୍ୟ । ମୁଁ ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଉଛି ।

**କ୍ରୀଡ଼ା ସମୀକ୍ଷକ, ଲେଖକ ତଥା ଅନୁବାଦକ**

# ବନ୍ଧୁ ଅରବିନ୍ଦ ମିତ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

## ଫାରୁକ୍ ଭାଇ

ଡାକ୍ତର ପୁଅ (୰ବିଜୁ ପଟ୍ଟନାୟକ ଏବଂ ଅରବିନ୍ଦ ମିତ୍ରଙ୍କ ୰ପିତା ଯିଏ ପେଶାରେ ଜଣେ ଡାକ୍ତର ଥିଲେ ଏକଦା ରାଜନୀତିରେ ସହକର୍ମୀ ଥିଲେ । ବିଜୁବାବୁ ଅରବିନ୍ଦଙ୍କୁ ଡାକ୍ତର ପୁଅ ବୋଲି ଡାକୁଥିଲେ । ଅରବିନ୍ଦ ମିତ୍ରଙ୍କୁ ମୁଁ ୧୯୭୦ ମସିହାରୁ (ବାଣୀବିହାର)ରେ ପଢିଲା ଦିନରୁ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କଲା ପର୍ଯ୍ୟନ୍ତ ଅତି ନିକଟରୁ ଜାଣିଛି । ବହୁମୁଖୀ ପ୍ରତିଭାର ସେ ଅନନ୍ୟ ଅଧିକାରୀ । ଏକାଧାରରେ ସେ ଥିଲେ ଜଣେ ନିଷ୍ଠାବାନ ପୋଲିସ ଅଧିକାରୀ, ବଳିଷ୍ଠ ସଂଗଠକ, ସାରସ୍ୱତ ସାଧକ, ପୁସ୍ତକ କୀଟ, କ୍ରୀଡ଼ାବିତ୍ ଏବଂ ସୁସାହିତ୍ୟିକ ।

୧୯୬୭-୬୮ରୁ ଛାତ୍ର ରାଜନୀତିରୁ ଆରମ୍ଭ ଏବଂ ଓଡ଼ିଶା ପୋଲିସ୍ ସେବାର କମାଣ୍ଡାଣ୍ଟ ପୋଷ୍ଟରୁ ୨୦୧୬ ମସିହା ଅବସରପ୍ରାପ୍ତି ପର୍ଯ୍ୟନ୍ତ ବର୍ଷର ସୁଦୀର୍ଘ ରାସ୍ତା ତାଙ୍କ ପାଇଁ ଥିଲା ସଂଘର୍ଷମୟ । କିନ୍ତୁ ସେ ଥିଲେ ବେପରୱା ବାଦ୍‌ଶା । ନିର୍ଭୀକ ଏବଂ ସଚ୍ଚୋଟ । ନିଜ କର୍ତ୍ତବ୍ୟନିଷ୍ଠା ସାଧନା ଏବଂ ଦକ୍ଷତା ଉପରେ ପ୍ରଚଣ୍ଡ ବିଶ୍ୱାସୀ । ସେ ଥିଲେ ଭୟଙ୍କର ସ୍ପଷ୍ଟବାଦୀ । ନିର୍ମଳ ଏବଂ ପରୋପକାରୀ । ଖାଇବା ଏବଂ ଖୁଆଇବା ତାଙ୍କର ଥିଲା ଏକମାତ୍ର ଦୁର୍ବଳତା ।

ପାରଳାଖେମୁଣ୍ଡିରେ (ଋକିରୀ ଜୀବନ ଆରମ୍ଭରେ ପୋଷ୍ଟିଂ ଥିଲାବେଳେ ଗୋଟିଏ ବାଘୁଣୀଙ୍କୁ କୂଅ ଭିତରୁ ଉଦ୍ଧାର କରି କେବଳ ଦୁଃସାହାସିକତାର ନୁହେଁ ବରଂ ସମସ୍ତ ଜୀବମାନଙ୍କ ପ୍ରତି ଦୟାରଭାବ ପ୍ରମାଣ କରେ । ବନ୍ଧୁ ଅରବିନ୍ଦଙ୍କ ଗୁଣଗାନ କରିବାକୁ ହେଲେ ସମୟ ସରିବନି । ଆଜି ଏତିକିରେ ମୋର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ଯେଉଁଠି ଥିଲେ ବି ଖୁସିରେ ଥାଅ, ପ୍ରାର୍ଥନା କରି ରହୁଛି ।

**ଆଜାଦ୍ ମନ୍‌ଜିଲ୍**
**ୟୁସୁଫ୍ ପୁର, ଭଦ୍ରକ**
**ମୋ-୯୪୩୭୨୬୬୪୯୨**

# ଜଣେ ନିଷ୍ଠାପର - କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱଙ୍କ ଅବର୍ତ୍ତମାନରେ....

## ବନୋଜ ତ୍ରିପାଠୀ

ଅରବିନ୍ଦ ମିତ୍ରଙ୍କ ବିୟୋଗ, ମୋ ପାଇଁ ଆକସ୍ମିକ । ତାଙ୍କସହିତ ସମ୍ପର୍କ ବହୁତ ପୁରୁଣା ନହେଲେ ମଧ୍ୟ, ବିଗତ ଦୁଇବର୍ଷ ଭିତରେ ସମ୍ପର୍କ ଅତି ନିବିଡ଼ତର ହୋଇଥିଲା । ଖୋର୍ଦ୍ଧା ବିଜେବି ହାଇସ୍କୁଲର ୧୨୫ ତମ ବର୍ଷ ଅବସରରେ ପ୍ରକାଶିତ ହେବାକୁ ଥିବା ଅବକାଶ ପତ୍ରିକାର ସମ୍ପାଦନ ଦାୟିତ୍ୱରେ ସେ ଥିଲେ ଏବଂ ମୁଁ ପ୍ରକାଶନ ଦାୟିତ୍ୱରେ (ପକ୍ଷୀଘରପ୍ରକାଶନୀ) ଥିଲି । ଏହି ଅବସରରେ ତାଙ୍କ ସହିତ ମୋର ୩୦ରୁ ଅଧିକଥର କେତେବେଳେ ବ୍ୟକ୍ତିଗତ ଭାବେ'ତ କେତେବେଳେ ସମ୍ପାଦନା ମଣ୍ଡଳୀ ସହିତ ଆମର ବୈଠକ ହୁଏ ।

ଅରବିନ୍ଦ ସାର,ଜଣେ ପୋଲିସ ପ୍ରଶାସକ କେବଳ ନଥିଲେ,ଜଣେ ଖେଳାଳି ଓ ଖେଳକୁ ଉତ୍ସାହିତ ତଥା ପ୍ରୋତ୍ସାହିତ କରୁଥିବା ଜଣେ ଓଡିଶାର ବିରଳ ବ୍ୟକ୍ତିତ୍ୱ ଥିଲେ । କଥା ପ୍ରସଙ୍ଗରେ ଥରେ କହୁଥିଲେ ଓଡିଶାରେ କଟକ, ଭୁବନେଶ୍ୱର ଓ ରାଉରକେଲାରେ ଅନ୍ତର୍ଜାତୀୟ ସ୍ତରରେ ଚମତ୍କାର ଖେଳପଡିଆ ତିଆରି ହୋଇଚ଼ି,ହେଲେ ଓଡିଶା ଅନ୍ତର୍ଜାତୀୟ ସ୍ତରର ସେଇଭଳି ଖେଳାଳି ତିଆରିକରି ପାରିନି, ଏହା ତାଙ୍କର କ୍ଷୋଭ ଥିଲା ।

ପ୍ରଥମରୁ ଜିତୁ ଭାଇଙ୍କ ବଡ଼ଭାଇ ବୋଲି ଜାଣିଥିଲି, ହେଲେ ଦୁଇବର୍ଷ ମିଶିବା ଭିତରେ ଅରବିନ୍ଦ ସାର'ଙ୍କ ସାନଭାଇ ଜିତୁଭାଇ ବୋଲି ହୃଦୟଙ୍ଗମ କଲି । ଜଣେ ନିଷ୍ଠାପର, କର୍ତ୍ତବ୍ୟନିଷ୍ଠ, ସ୍ପଷ୍ଟବାଦୀ, ସମୟାନୁବର୍ତ୍ତିତା ,ସ୍ୱାଭିମାନୀ, ବେସାଲିସ୍ ବ୍ୟକ୍ତିତ୍ୱ ଥିଲେ, ଅତି ପରିଶ୍ରମ କରି ସମ୍ପାଦନା ମଣ୍ଡଳୀ ମାନଙ୍କ ସହ ମିଶି ଅବକାଶ ପତ୍ରିକାର ପ୍ରକାଶ କରାଇବା, ମୋ ପାଇଁ ଗୋଟିଏ ଘଟଣା ଥିଲା ।

ତାଙ୍କର ଇଚ୍ଛାମୁତାବକ ଅନନ୍ୟ ସମ୍ପାଦନା ଶୈଳୀରେ ପ୍ରତ୍ୟେକ ଲେଖାକୁ ଗୁରୁତ୍ୱ ଦେଇ ପତ୍ରିକାକୁ ଆକର୍ଷଣୀୟ କରିବାରେ ତାଙ୍କର ଅବଦାନ ଚିରକାଳ ମନେରହିବ । ସବୁସମୟରେ ମୋ ଜାଣିବାରେ ତାଙ୍କର ନିଷ୍ପତ୍ତି ହିଁ ଶେଷ ନିଷ୍ପତି ହୋଇଥାଏ, ମତେ କହିଥିଲେ ବନୋଜ - ପତ୍ରିକାକୁ ଅନ୍ତର୍ଜାତୀୟ ସ୍ତରର ପ୍ରକାଶ କରିବ ।

ମୁଁ ଜାଣିନି ପ୍ରସ୍ତୁତ କରିଥିବା ପତ୍ରିକାଟି ତାଙ୍କ ନଜରରେ କେଉଁ ସ୍ତରର ଥିଲା, ପତ୍ରିକାଟି ସମ୍ପୂର୍ଣ୍ଣ ଭାବେ ଦେଇସାରିବା ପରେ ତାଙ୍କ ସହ ମୋର ଭେଟ ହେବାର ଥିଲା ହେଲେ ତାଙ୍କର ଅସୁସ୍ଥତା କାରଣରୁ ମୋର ତାଙ୍କ ସହ ଭେଟ ହୋଇନଥିଲା କି ଫୋନ୍ ରେ ମୋର ବାର୍ତ୍ତାଳାପ ମଧ୍ୟ ହୋଇପାରି ନଥିଲା । ମଣିଷ ଜନ୍ମହେଲେ ମୃତ୍ୟୁ ନିଶ୍ଚିତ, ବାକି ଆଉସବୁ ଅନିଶ୍ଚିତ ତାହା ଆମକୁ ସ୍ୱୀକାର କରିବାକୁ ପଡିବ ।

ମୋର ଦୁଃଖ ରହିଗଲା ' ୧୨୫ ଅବକାଶ ' ନିଶ୍ଚିତ ମହାନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ, ହେଲେ ଏଇ ପ୍ରକାଶନ ପଛର ମୁଖ୍ୟ ନାୟକ ସେ ମଞ୍ଚରେ ଉପସ୍ଥିତ ନଥିବେ ।

ହେ ମହାନ ଆତ୍ମା, ଆପଣ ଯେଉଁଠି ଥାନ୍ତୁ ଶାନ୍ତିରେ ଥାନ୍ତୁ, ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।

**ସମ୍ପାଦକ, ପକ୍ଷୀଘର**

# ପୂଜ୍ୟ ପ୍ରଣାମ

## କାଳିଚରଣ ଜୟସିଂହ

ଐତିହାସିକ ଖୋର୍ଦ୍ଧାଗଡ଼ରେ ଅରବିନ୍ଦ ମିତ୍ରଙ୍କ ପିତା ୰ ଶ୍ୟାମ ମାଧବ ମିତ୍ର ଓ ମାତା ୰ ବାସନ୍ତି ଦେବୀଙ୍କ କୋଳରେ ଭୂମିଷ୍ଠ ହୋଇଥିଲେ । କୃତି ସନ୍ତାନ, ବିଶିଷ୍ଟ ଛାତ୍ରନେତା ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ଥ ପୋଲିସ ଅଫିସର୍ । ସେ ଖୋର୍ଦ୍ଧା କଲେଜ ସମ୍ପ୍ରତି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଏବଂ ପ୍ରେସିଡେଣ୍ଟ ଥିଲେ । ତାଙ୍କ ସହିତ ମୋର ଆତ୍ମୀୟତା ଅତି ଘନିଷ୍ଠ ଥିଲା । ଆମେ ସବୁ ସମୟର ଛାତ୍ର ଫେଡେରେସନ୍‌ର ସଭ୍ୟ ଥିଲୁ । ଅରବିନ୍ଦ ବାବୁ ଆମର ନେତା ଥିଲେ । ସେ ଅତ୍ୟନ୍ତ ଅମାୟିକ ସ୍ନେହୀ, ବନ୍ଧୁପ୍ରେମୀ, ସାଥୀପ୍ରେମୀ, କଲେଜ ଛାତ୍ରମାନଙ୍କର ଏବଂ ଅଧ୍ୟାପିକ.ଅଧ୍ୟାପିକା ମାନଙ୍କର ପ୍ରିୟ ଓ ଶ୍ରଦ୍ଧାଭାଜନ ହୋଇପାରିଥିଲେ ।

ମୁଁ ୧୯୬୭ ମସିହାରେ ଖୋର୍ଦ୍ଧା କଲେଜରେ ପ୍ରବେଶ କଲା ବେଳକୁ ଅରବିନ୍ଦ ବାବୁ, ଗୁରୁପ୍ରସାଦ ପଟ୍ଟନାୟକ, ବିଜୟ କୃଷ୍ଣ ମହାପାତ୍ର, କାଳି ପ୍ରସନ୍ନ ବେହେରା ପ୍ରମୁଖ ଛାତ୍ର ଫେଡେରେସନ୍‌ର ନେତୃତ୍ୱ ନେଉଥିଲେ । ଗୁରୁପ୍ରସାଦ ପଟ୍ଟନାୟକଙ୍କୁ ସଭାପତି ଓ ଅରବିନ୍ଦ ମିତ୍ର ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ । ୧୯୬୮-୬୯ ମସିହାରେ ଓଡ଼ିଶାରେ ବିଶେଷ କରି ବାଲେଶ୍ୱରରେ ନାହିଁ ନଥିବା ଝଡ଼ବାତ୍ୟା ହେତୁ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ଖରାବନ୍ୟା ହୋଇଥିଲା । ଏହି ବନ୍ୟାରେ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଭୟଙ୍କର ବାତ୍ୟା ରୂପ ସୃଷ୍ଟି ହୋଇ ଲୋକଙ୍କ ଘରଦ୍ୱାର ଭାଙ୍ଗିରୁଜି ଯାଇଥିଲା ।ଗୋରୁଗାଈ ମରି ଯାଇଥିଲେ ଓ ଲୋକମାନେ ଅନ୍ନ ଖାଇବାକୁ ନପାଇ ଭୋକରେ ଡହଳବିକଳ ହୋଇଥିଲେ । ଏଥିପାଇଁ ସ୍ୱେଚ୍ଛାସେବୀମାନେ ଖୋର୍ଦ୍ଧା ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ରିଲିଫ ସାମଗ୍ରୀ ସଂଗ୍ରହ କରୁଥିଲେ । ବନ୍ୟା ବିପନ୍ନ ମଧ୍ୟରେ ଉକ୍ତ ଅଞ୍ଚଳରେ ବିତରଣ କରୁଥିଲେ ।

ଆମ ଖୋର୍ଦ୍ଧା କଲେଜ ଛାତ୍ର ଫେଡେରେସନ୍ ତରଫରୁ ପ୍ରଫେସର ଗୟାଧର ରାଉତଙ୍କ ନେତୃତ୍ୱରେ ଆମ୍ଭେ ସବୁ ଗୁରୁପ୍ରସାଦ ପଟ୍ଟନାୟକ, ଅରବିନ୍ଦ ମିତ୍ର, ବିଜୟ କୃଷ୍ଣ ମହାପାତ୍ର, କାଳି ପ୍ରସନ୍ନ ବେହେରା ଏବଂ ମୁଁ ନିଜେ ବଜାରରୁ ଚୁଡ଼ା, ଚାଉଳ, ଗୁଡ଼, ଟଙ୍କା,ଔଷଧ ସାମଗ୍ରୀ, ଗାମୁଛା ଇତ୍ୟାଦି ସଂଗ୍ରହ କରିଥିଲୁ । ମହାବିଦ୍ୟାଳୟ ଅଧ୍ୟକ୍ଷ ଆମ୍ଭମାନଙ୍କୁ ରିଲିଫ୍ ସାମଗ୍ରୀ ନେଇ ବାଲେଶ୍ୱର ବନ୍ୟା କ୍ଷତିଗ୍ରସ୍ତ ଗରିବ ଗୁରୁବା ଲୋକଙ୍କ ମଧ୍ୟରେ ବିତରଣ କରିବା ପାଇଁ ପଠାଇଥିଲେ ।

ଗୁରୁପ୍ରସାଦ ପଟ୍ଟନାୟକଏବଂ ଅରବିନ୍ଦ ମିତ୍ରଙ୍କ ନେତୃତ୍ୱରେ ଆମ୍ଭସବୁ ବାଲିଆପାଳ ଅଞ୍ଚଳରେ ପହଞ୍ଚିଲୁ । ଡଙ୍ଗା ସାହାଯ୍ୟରେ ପାଣି ଭିତରେ ଦୁର୍ଗତ ଅଞ୍ଚଳକୁ ଗଲୁ । ଲୋକମାନଙ୍କ ମଧ୍ୟରେ ରିଲିଫ୍ ସାମଗ୍ରୀ ବାଣ୍ଟିଲୁ । ବାଣ୍ଟି ସାରିବା ପରେ ଆମ୍ଭେମାନେ ବାଲେଶ୍ୱର ଫେରି ଆସିଲୁ ।

ବାଲେଶ୍ୱରରୁ ସୁପରଫାଷ୍ଟ ରେଳରେ ବିନା ଟିକେଟ୍‌ରେ କଟକ ରେଳ ଷ୍ଟେସନରେ ପହଞ୍ଚିଲୁ । ଟିଟି ଆମକୁ ଜବତ କରି ଷ୍ଟେସନ ମାଷ୍ଟର ପାଖକୁ ନେଲା । ଷ୍ଟେସନ ମାଷ୍ଟରଙ୍କୁ ଗୁରୁପ୍ରସାଦ ପଟ୍ଟନାୟକ ଏବଂ ଅରବିନ୍ଦ ମିତ୍ର ଆମେ ସ୍ୱେଚ୍ଛାସେବୀ ବୋଲି ପ୍ରମାଣିତ କରିଥିଲେ । ଫଳରେ ଷ୍ଟେସନ ମାଷ୍ଟର ଆମକୁ ଛାଡିଦେଲେ । ଆମେ ସବୁ ଖୋର୍ଦ୍ଧା ଏକ ଟ୍ୟାକ୍ସି ଭଡ଼ା କରି ଫେରିଆସିଲୁ ।

୰ ଅରବିନ୍ଦ ମିତ୍ର ଜଣେ ସାହସୀ ଯୁବକ ଆମ ସମୟରେ ଥିଲେ । କିନ୍ତୁ ତାଙ୍କର ହୃଦୟ ଥିଲା ଯଦିଓ ମୁଁ ତଳ କ୍ଲାସର ଛାତ୍ର ଥିଲି ଅରବିନ୍ଦ ଭାଇ ମତେ ବନ୍ଧୁଭଳି ବ୍ୟବହାର କରନ୍ତି ।

ବଡ଼ଭାଇର ସ୍ନେହ ଦିଅନ୍ତି, ମତେ ବହୁତ ଭଲ ପାଆନ୍ତି। ତାଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ଥିଲା। ସେ ସବୁ ବେଳେ ମତେ କାଳି ବୋଲି ଡାକନ୍ତି। ସେ ଖୋର୍ଦ୍ଧା କଲେଜ ସମର ଶିକ୍ଷାର୍ଥୀ ବାହିନୀର କମାଣ୍ଡାର ଥିଲେ।

ପ୍ରଫେସର କ୍ଷିରୋଦ ପ୍ରସାଦ ମହାନ୍ତି ତାଙ୍କର ଗୁରୁ ଥିଲେ ଏବଂ ମେଜର୍ ଥିଲେ। ସ୍ନାତକ ପ୍ରାପ୍ତ ପରେ ଅରବିନ୍ଦ ମିତ୍ର ଓଡ଼ିଶା ପ୍ରଦେଶ ଆର୍ମି ବିଭାଗର ଅଫିସର ରୂପେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ। ତାଙ୍କ ସହିତ ମୋର ଆଉ ମଝିରେ କେତେବେଳେ ଦେଖା ହୋଇନାହିଁ। ଥରେ ବ୍ରହ୍ମପୁର ୧୯୭୫ ମସିହାରେ ମୁଁ ବିଏ ଟ୍ରେନିଂ ନେଉଥିବା ବେଳେ ଅକସ୍ମାତ୍ ବ୍ରହ୍ମପୁର ବଡ଼ବଜାରରେ ଅରବିନ୍ଦ ବାବୁ ଖୋଲା ଦୋକାନରୁ ଛିଡ଼ା ହୋଇକି ଜଳଖିଆ ଖାଉଥିଲେ। ତାଙ୍କ ଆଖି ମୋ ଉପରେ ପଡ଼ିଗଲା। ସେ ହଠାତ୍ କାଳି ଆ' ଜଳଖିଆ ଖାଇବା ବୋଲି ମୋତେ ଡାକିଲେ। ମୁଁ ତାଙ୍କ ସହିତ ଜଳଖିଆ ଖାଇଲି ଏବଂ କହିଲି ଅରବିନ୍ଦ ଭାଇ ମୁଁ ଯାଉଛି ମୋର କ୍ଲାସ ଅଛି। ସେ ମୋତେ ବିଦାୟ ଦେଲେ। ତତ୍‌ପରେ ତାଙ୍କ ସହିତ ମୋର ଆଉ ଦେଖା ହୋଇନାହିଁ।

୧୯୯୮ ମସିହାରେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ତଳେ ଓଡ଼ିଶା ସରକାରଙ୍କ ଦ୍ୱାରା ଜାତୀୟ ଜାମ୍ବୋରୀ ଏବଂ ଅନ୍ତର୍ଜାତୀୟ ଦଶମ ସାର୍କ ସମ୍ମିଳନୀ ପ୍ରସ୍ତୁତି ସଭାରେ ଅରବିନ୍ଦ ବାବୁ ଯୋଗ ଦେଇଥିଲେ। ମୁଁ ସେହି ପ୍ରସ୍ତୁତି ସଭାରେ ଖୋର୍ଦ୍ଧା ଶିକ୍ଷା ମଣ୍ଡଳର ଉପସଭାପତି ରୂପେ ଆମ ଇନ୍ସପେକ୍ଟର, ଆଡମିଷ୍ଟେଡ ଅଫିସର ଏବଂ ଭୀମସେନ୍ ପ୍ରଧାନ ଜେନେରାଲ୍ ସେକେଟାରୀ ଭାବେ ଯୋଗ ଦେଇଥିଲୁ। ଅରବିନ୍ଦ ମୋତେ ଦେଖି ଖୁସି ହୋଇଗଲା ଏବଂ ମୋ ସହିତ ହାଣ୍ଡସେକ୍ କଲା। ସେତେବେଳକୁ ଉଚ୍ଚପଦସ୍ଥ କମାଣ୍ଡିଂ ଅଫିସର ଥିଲେ। ତତ୍‌ପରେ ଆଉ ମୋର ତାଙ୍କ ସହିତ ଇହଲୀଳା ସମ୍ବରଣ ପର୍ଯ୍ୟନ୍ତ ଦେଖା ହୋଇନାହିଁ, ଫୋନ୍‌ରେ ମୋ ସହିତ ସେ କଥା ହୋଇଥିଲେ। ସେ ମୋର ପ୍ରିୟ ସାଥୀ କହିଲେ ଚଳେ ଏବଂ ତାଙ୍କର କନିଷ୍ଠ ଭାଇ ଜିତୁ ମିତ୍ର ମୋତେ ବଡ଼ଭାଇ ଭଳି ଦେଖନ୍ତି। ମିତ୍ର ପରିବାର ଖୋର୍ଦ୍ଧାର ଗୋଟେ ଜଣାଶୁଣା ପରିବାର। ଜିତୁବାବୁ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ। ସେ ମଧ୍ୟ ଜଣେ ଜନପ୍ରିୟ ନେତା। ଅରବିନ୍ଦ ବାବୁଙ୍କ ଅନୁପସ୍ଥିତି ସେ ଗଭୀର ଭାବେ ଅନୁଭବ କରୁଥିବେ। ଅରବିନ୍ଦ ବାବୁଙ୍କ ମୃତ୍ୟୁ ଖବର ୨୨/୩/୨୦୨୬ରେ ହୋଇଛି ବୋଲି ମୋର କନିଷ୍ଠ ପୁତ୍ର ପ୍ରଜ୍ଞା କୁମାର ମତେ ଜଣାଇଲା। ଅରବିନ୍ଦ ମିତ୍ରଙ୍କ ଦେହାବସାନ ଘଟିଲା ୭୯ବର୍ଷ ବୟସରେ। ସେ ପାଠରେ ମୋ ଠୁ ସିନିୟର ଆଉ ବୟସରେ ମୋ ଠୁ ଜୁନିୟର ଥିଲେ, କିନ୍ତୁ ଆମେ ସାଙ୍ଗସାଥୀ ଭଳି ଚଳୁଥିଲୁ। ତା'ର ଦେହାବସାନ ଖବର ପାଇ ମୁଁ ମର୍ମାହତ ହୋଇ ପଡ଼ିଲି। ସେହି ପୂଜ୍ୟ ପ୍ରଣମ୍ୟ ପୁରୁଷ ଅରବିନ୍ଦ ମିତ୍ରଙ୍କ ଉପଲକ୍ଷେ ଗୋଟିଏ ସ୍ମରଣୀକା ପ୍ରକାଶ ପାଉଥିବାରୁ ଜାଣି ଖୁସି ହେଲି, ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ମୋର ପ୍ରାର୍ଥନା।

**ପାଞ୍ଚଗଡ଼ ନିବାସ,**
**ଶ୍ରୀଚନ୍ଦନପୁର, ବାଙ୍କୋଇ, ଖୋର୍ଦ୍ଧା**



# ଅରବିନ୍ଦ ଭାଇ ଙ୍କ ପାଇଁ ଦୁଇ ପଦ

## ଲକ୍ଷ୍ମୀ ନାରାୟଣ ଭଞ୍ଜ

୧୯୬୯ ମସିହା ଜାନୁୟାରୀ ମାସ ୨୬ ତାରିଖ କଥା ଏବେବି ମନେଅଛି । ସାଧାରଣତନ୍ତ୍ର ଦିବସର ପରେଡରେ ଆମ ଟଚ ସ୍କୁଲର ପ୍ରତିନିଧିତ୍ୱ କରିବା ସମୟରେ ଦୁଇ କିମ୍ବା ତିନି ଦିନ ଆଗରୁ rehersal ପରେଡରେ ଯୋଗ ଦେଲାବେଳେ, ସେତେବେଳେ ପରେଡକୁ command କରୁଥିବା ଲୋକଟିକୁ ଦେଖି ମନରେ ଏକ ଇଚ୍ଛା ଆସିଥିଲା ଯେ ବଡ଼ ହେଲେ ମୁଁ ଏହିପରି ବ୍ୟକ୍ତି ଟିଏ ହେବି ବୋଲି. ସୁନ୍ଦର ଚେହେରା, ଗାମ୍ଭୀର୍ଯ୍ୟ ବ୍ୟକ୍ତିତ୍ୱ. ମୋତେ ଖୁବ୍ ପ୍ରଭାବିତ କରିଥିଲା । ସେଦିନ ଜାନୁୟାରୀ ୨୬ ତାରିଖ ପରେଡରେ ଆମ ସ୍କୁଲ ପ୍ରଥମ ସ୍ଥାନ ଗ୍ରହଣ କଲାପରେ ସେ ଆସି ହାତ ମିଳେଇ, congratulations ଜଣାଇବା ପରେ ତାଙ୍କ ସହ ଆଉ କେବେ ଦେଖା ହୋଇ ନଥିଲା । ପରେ ଶୁଣିଲି ସେ Orissa Armed Police ର ଏକ ଉଚ୍ଚ ପଦସ୍ଥ ଅରବିନ୍ଦ ଭାବେ ୨୦୦୬ ରେ ଅବସର ଗ୍ରହଣ କରିଥିଲେ । ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ଆମର ଅରବିନ୍ଦ ଭାଇ । ଅନେକ ଦିନପରେ ଆମ ସ୍କଲ ଆଭିଯାନରେ ତାଙ୍କ ସଙ୍ଗେ ଏକାଠି କାମ କରିବାପାଇଁ ସୁଯୋଗ ମିଳିଲା ।

ଏହି ପରିପ୍ରେକ୍ଷିରେ ତାଙ୍କ ନେତୃତ୍ୱରେ ଅନେକ କାମ କରି ନିଜକୁ ଧନ୍ୟ ମନେ କଲି, ଯେମିତିକି, ଆମ ସ୍କୁଲ ର ୧୨୫:ବର୍ଷ ପାଳନ ପାଇଁ ଯୋଜନା, ସ୍କୁଲ magazine ପାଇଁ ଲେଖା ସଂଗ୍ରହ, ଏମିତି ଅନେକ କିଛି । ଏହି କ୍ରମରେ ତାଙ୍କର ବ୍ୟକ୍ତିତ୍ୱକୁ ଅନେକ ପାଖରୁ ଦେଖିବାକୁ ମିଳେ । ଏହି ମିଶିବା ଭିତରେ ତାଙ୍କ ଭିତରେ ଥିବା ଆଉ ଗୋଟିଏ ଗୁଣ କୁ ମୁଁ ଖୋଜିପାଏ । ତାହା ଥିଲା ଓଡ଼ିଆରେ ଗଳ୍ପ ଓ କବିତା ଲେଖିବାର ଗୁଣବତ୍ତା । ଆଠ ଦଶ ଦିନ ତଳେ ତାଙ୍କ ସଙ୍ଗେ ହୋଇଥିବା ଶେଷ ସାକ୍ଷାତରେ ତାଙ୍କ ସଙ୍ଗେ ହୋଇଥିବା କଥା ଦୁଇ ପଦ କଥା ଏବେ ବି ମୋର ମନରେ ବାରମ୍ବାର ପ୍ରତିଧ୍ୱନି ହେଉଛି । ତାଙ୍କ ଲିଖିତ ଶେଷ ଗଳ୍ପ ଅଧା ଜହ୍ନ ବହିଟି ଅଧା ପଢ଼ା ହୋଇ ରହିଗଲା ତାଙ୍କ ମୃତ୍ୟୁ ପୂର୍ବରୁ । ସେ ଯେଉଁଠାରେ ଥାଆନ୍ତୁ ଭଲରେ ଥାଆନ୍ତୁ । ଭଗବାନ ତାଙ୍କ ଆତ୍ମାକୁ ଶାନ୍ତିରେ ରଖନ୍ତୁ ।

**ଅବସରପ୍ରାପ୍ତ ସହାୟକ ସାଧାରଣ ପରିଚାଳକ,**

**ଭାରତୀୟ ଷ୍ଟେଟ ବ୍ୟାଙ୍କ ମୋ-୯୪୩୭୨୯୯୦୩୪**



# ସ୍ମୃତିରେ ଅରବିନ୍ଦ ଭାଇ

## ଜବାହରଲାଲ ସୁବୁଦ୍ଧି

କେହି ରହିନାହିଁ ରହିବେ ନାହିଁ
ଭବରଙ୍ଗ ଭୂମିତଳେ,
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡିବେ କାଳବଳେ ।୧ ।
ଅରବିନ୍ଦ ନାମ କରିଛ ସାର୍ଥକ
ଖୋରଧା ମୂଳକ ଯାକ,
ଭାଇ ତୁମ ଜିତୁ ତୁମପରି ପ୍ରିୟ
ରାଜନୀତିରେ ଖ୍ୟାତ ।୨ ।
କିଏ ଜାଣିଥିଲା ଏତେ ଶୀଘ୍ର ଲୀନ
ତୁମ ଶରୀର ଯେ ହେବ,
ତୁମ ଯଶକିର୍ତ୍ତୀ ଚନ୍ଦ୍ର ସୂର୍ଯ୍ୟ ସମ
ମଳିନ କେବେ ନ ହେବ ।୩ ।
ଛାତ୍ର ନେତାଥିଲ ପ୍ରଶାସନେ ଖ୍ୟାତ
ସେବାରେ କାର୍ପଣ୍ୟ ନାହିଁ,
ପରିବାର ପାଇଁ ଦୁଃଖେ ଭାଙ୍ଗି ନାହିଁ
କାହାକୁ କହିଲ ନାହିଁ । ୪ ।

**ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ**
**ବଡତୋଟା,**
**ବେଲପଡା ସରକାରୀ ଉଚ୍ଚ ବିଦ୍ୟାଳୟ**
**ଜଟଣୀ- ଖୋର୍ଦ୍ଧା**
**ମୋ-୮୦୧୮୮୫୨୦୯୫**

# ଅରବିନ୍ଦଙ୍କ ଅମର ସ୍ମୃତିରେ

## ଶ୍ରୀଯୁକ୍ତ ବ୍ରଜ କିଶୋର ସାହୁ

ଜନମିଲେ ଥରେ ମଣିଷ ଧରାରେ
କର୍ମ କରି ସ୍ବମତେ
ପରିଶେଷେ ମୃତ୍ୟୁ ପ୍ରାପ୍ତ ହୋଇଥାଏ
ମରଣଶୀଳ ଜଗତେ ।

ଜନମ ସହିତ ମରଣ ଜଡିତ
ଏହା ସୃଷ୍ଟିର ନିୟମ
ଆତ୍ମାଯାଇ ପରମାତ୍ମାଙ୍କ ସହିତ
ଶାନ୍ତିରେ କରେ ବିଶ୍ରାମ ।

ଅରବିନ୍ଦ ମିତ୍ର ସତ୍-କାର୍ଯ୍ୟ କରି
ଜୀବନ ବିତାଇଥିଲେ
ଭାଇ ବନ୍ଧୁପ୍ରୀତି ପରସ୍ପର ପ୍ରତି
ଶୁଦ୍ଧ ଜୀବନ ବଞ୍ଚିଲେ ।

ଏନ୍‌ସିସି କ୍ୟାଡେଟ୍ ପରେ କମାଣ୍ଡାଣ୍ଟ
ପଦବୀ ହୋଇଲେ ପ୍ରାପ୍ତ
ଶାନ୍ତିଶୃଙ୍ଖଳାର ନିଦର୍ଶନ ସାଜି
ହେଲେ ସଭିଙ୍କ ମିତ୍ର ।

ନିଜର ନିଜର ଲାଗନ୍ତି ସର୍ବଦା
ଗଲେ ଇହଲୀଳା ସାରି
ଆତ୍ମାର ସଦ୍-ଗତି କାମନା କରୁଛି
ପାଦେ ଦେଇ ଶ୍ରଦ୍ଧାଞ୍ଜଳି ।

**ସରକାରୀ ଓକିଲ, ଖୋର୍ଦ୍ଧା**

# ନାମ ପରି କାମ

## ଡ. ଚପଳା ପଣ୍ଡା

ଖୋର୍ଦ୍ଧା ଭୂଗୋଳ ଖୋଜୁଅଛି ଆଜି
 ପଦଚିହ୍ନ ପଟ୍ଟଚିତ୍ର,
କେତେ ଦୂରେ ସତେ ହାତ ପାଉନାହିଁ
 କାହିଁ ଅରବିନ୍ଦ ମିତ୍ର ।

ପାଇକ ମାଟିରେ ଜନମ ଲଭିଲେ
 ଆରକ୍ଷୀ ବିଭାଗେ କାର୍ଯ୍ୟ,
ସେନା ନାୟକରେ ଅଧିଷ୍ଠିତ ହୋଇ
 ଦେଖାଇଲେ ନିଜ ଶୌର୍ଯ୍ୟ ।

ସୂଚୀ ପତ୍ରରେ ଗୁନ୍ଥା ହେଲା ନାମ
 ଗର୍ବିତ ଭୂମି ଝୁରେ,
ସାହିତ୍ୟ ସାଧନା ଗଳ୍ପ କବିତାରେ
 ଲେଖନୀ ମୁନକୁ ଧରେ ।

ଶେଷ କଥା ତାଙ୍କ ଅବଶୋଷ ଭରା
 ବିଦ୍ୟାଳୟ ସମ୍ବତ୍ସର,
ପାଳନ ନିମନ୍ତେ ଆଶା ରହିଗଲା
 ଅଧୁରା ସ୍ୱପ୍ନର ଗାର ।

ଏମିତି ପ୍ରତିଭା ସର୍ବଗୁଣାଭାବ
 ପ୍ରତିଟି ହୃଦରେ ସ୍ଥିତ,
ପ୍ରଶ୍ନବାଚୀ ଶବ୍ଦ ଉଠିନାହିଁ କେବେ
 ସର୍ବ କାର୍ଯ୍ୟେ ବିଭୂଷିତ ।

ଛାତ୍ର ସଂସଦର ମୂରବୀ ପଣରେ
 ଆଜି ସିଏ ଶୂନ୍ୟସ୍ଥାନ,
ସ୍ମୃତିର ମଣିଷ ହୋଇ ରହିଗଲେ
 ଆତ୍ମା ପାଉ ମୋକ୍ଷ ଧାମ ।

**ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ**
**ଖୋର୍ଦ୍ଧା,୯୪୩୭୪୨୧୮୧୬.**

# ଅରବିନ୍ଦ ସ୍ମରଣେ

## ବିଭୁପ୍ରସାଦ ହରିଚନ୍ଦନ

ମଣିଷ ଆସିଛି ମଣିଷ ବି ଯିବ
ନାଟକ ହୋଇବ ଶେଷ,
ଯାହାପାଇଁ  ଲୋକ ଲୋତକ ଝରାନ୍ତି
ସେହି ଏକା ସୁପୁରୁଷ।

କର୍ମମୟ ଥିଲା ତାଙ୍କରି ଜୀବନ
ବାହୁଡି ଗଲେ ସେ ସତ,
କୋଟି ଜନତାରେ ଗୋଟିଏ ସେ ଥିଲେ
ନାମ ଅରବିନ୍ଦ ମିତ୍ର।

ଭାଇବନ୍ଧୁ ଜ୍ଞାତି ସାଥି ସହୋଦର
ସବୁଥିଲେ ଆପଣାର,
ମ୍ରିୟମାଣ ଆଜି ସବୁ ନିଜ ଲୋକ
ଆଖିରୁ ଝରୁଛି ନୀର।

ହେ ଈଶ୍ୱର ତୁମେ ଏତେହିଁ ନିଷ୍ଠୁର
ଭଲଙ୍କୁ ନେଉଛ ବାଛି,
ନିୟମ ତୁମର କେଡେ ଅବାନ୍ତର
ବୁଝି ପାରୁନାହିଁ କିଛି।

ଦୁଃଖି ଜନତାର ଦୁଃଖ ବୁଝୁଥିଲେ
ଥିଲେ ଅତି ଆପଣାର,
ସମସ୍ତଙ୍କୁ ଧରି ନିଜ ସହିତରେ
ଭାବୁଥିଲେ ସେ ନିଜର।

ମହତ ମଣିଷ ଥିଲେ ସେ ସଂସାରେ
କାହାକୁ ନଥିଲା ଡର,
ମିଠା ମିଠା କଥା ସଦା କହୁଥିଲେ
ଥିଲେ ଆମ ଅନ୍ତଃସ୍ୱର।

ପୋଲିସ୍ ବିଭାଗେ ଅଫିସର ଥିଲେ
ନଥିଲା ତ ଅହଂକାର,
ସେଥିପାଇଁ ଥିଲେ ମହତ ମଣିଷ
ମନେ ପଡେ ବାରମ୍ବାର।

ଅନିତ୍ୟ ସଂସାରେ ତୁମ ଗୁଣଗାଥା
ଚିରଦିନ ରହୁ ବଂଚି
ତୁମରି ଆଦର୍ଶ ତୁମରି ପ୍ରେରଣା
ଜଳାଉ ଆଲୋକ ବତୀ।

ଈଶ୍ୱର ଡାକିଲେ ପାଖକୁ ବି ନେଲେ
ସେଥିରେ ସମସ୍ତେ ଖୁସି,
ଈଶ୍ୱରଙ୍କ ପାଶେ ରୁହ ସଦା କାଳେ
ପ୍ରାର୍ଥନା କରୁଛୁ ମିଶି।

**ସାନପାଲ୍ଲୀ,ଖୋର୍ଦ୍ଧା**

# ଅମଳିନ ସ୍ୱାକ୍ଷର

## ବ୍ରାହ୍ମୀପ୍ରିୟା ସାମନ୍ତରାୟ

ଅସୁମାରି ସୃଜନ ପରିଧି ମଧ୍ୟରେ
ମାନବିକତାର ଦ୍ୱାହି ଦେଇ
ପ୍ରେରଣାର ଉତ୍ସ ଥିଲେ
ଲେଖନୀ ମୁନରେ ।
ଜୀବନର ଚଲାପଥେ
ଅସହଜ ବନ୍ଧୁର ପଥରେ
ଆଶାବାଡ଼ି ଧରିଥିଲେ
ବୋଲି ପ୍ରମାଣିତ କରିଥିଲେ ସାହିତ୍ୟର
ଅପରାଜେୟ ଶକ୍ତି ।

ଆଶା ଆଉ ବିଶ୍ୱାସ ମଧ୍ୟରେ
ସ୍ୱପ୍ନ ଆଉ ସମ୍ଭାବନାର ବଳୟେ
ଥିଲେ ଦୃଢ଼ ବ୍ରତଧର
ସଂଘର୍ଷ ଓ ସଂଘାତ ଭ୍ରୂକ୍ଷେପ ନ କରି
ଚାଲିଚାଲି ଅକ୍ଳାନ୍ତ ହୃଦୟେ
ଭେଟି ଦେଇ
ଚାଲିଗଲେ ଅନ୍ତହୀନ ସୃଜନ
ପରିଧି ମଧ୍ୟରେ
ସବୁଆସେ ସବୁଯାଏ
ଅଢ଼େଇ ଦିନ ଜୀବନର

ତେଲ ଲୁଣ ସଂସାର ମଧ୍ୟରେ
ମାତ୍ର ରହିଯାଏ ସ୍ମୃତି ହୋଇ
କର୍ମଠ ମଣିଷର ଅମଳିନ ସ୍ୱାକ୍ଷର ।

କର୍ମର ଭାଷା, ଜିତିବାର ଇଚ୍ଛା
ଲଢ଼ିବାର ଝୁଙ୍କ ସବୁଥିଲା
ଆପଣଙ୍କ ବ୍ୟକ୍ତିତ୍ୱର
ନିର୍ମଳ ପରିଭାଷା
ସରିନାହିଁ ଆପଣଙ୍କ ଅନ୍ତହୀନ
ସୃଜନ'ର ଯାତ୍ରା
ଅସରନ୍ତି ଗାଥା, ଆଶାଯୁକ୍ତ ଭାଷା
ଆଉ ସୃଜନ'ର ଅଭେଦ୍ୟ
ପ୍ରାଚୀରରେ ଲେଖାଥିବା ସଂଘର୍ଷ କବିତା
ରହିଥିବ ଯୁଗ ଯୁଗ ପାଇଁ
ପ୍ରେରଣାର ଉତ୍ସଟିଏ ହୋଇ...-

ଆପଣଙ୍କର ସୃଜନ ପ୍ରତିଭାମୁଗ୍ଧ ।
**ସଂପାଦିକା, ଆଶା ପ୍ରଦୀପ,**
**ସଂବାଦ ପାତ୍ର**
**ଭୁବନେଶ୍ୱର**

# A BRILLIANT MIND,
# A PROLIFIC PEN AND A BEAUTIFUL SOUL

**Debolina Mondol**

First time in my life. I am writing something for someone whom I didn't know since childhood. But, after he passed away, I am realizing that, there is something more than I thought, I have towards him.

I was so young when I married into this family and began to interact with everyone. At the time, I didn't truly know anyone and I often felt a deep hesitation about how to talk or behave. In those moments of uncertainly, it was my big father-in-law who stepped forward. He made me feel so comfortable and was so friendly that, my hesitation vanished. Every time we meet, he treated me like his own daughter. I have had to wonder how to act because he made me feel like I truly belonged.

Through he was a police officer by profession yet he also possessed the soul of an artist, writing beautiful books that shared his wisdom with the world. He had a vast knowledge of almost everything. I may have known him for a shorter time than some, but I loved him deeply for the way he opened his heart to me, when I was just starting my life in this family. May we carry his peace and his brilliant mind in our memories forever. Even at 78 years, he remained incredibly active and possessed such a liberal, open mind set.

He was a bridge between generations someone who understand the past but always looked forward with a modern heart. Because he was so full of life and energy, his sudden passing has left us all deeply astonished. It was hard to imagine our family gathering without his vibrant presence. Looking at the bond, he shared with my father-in-law, I see a lifetime of loyalty and brotherhood.

To loose an elder brother is to lose a guide and a piece of one's own history. I loved him deeply for the way he opened his heart to me, when I was just starting my life in this family. may his soul rest in eternal peace. He will be deeply missed.

A brilliant mind, a prolific pen and a heart that welcome everyone. Your memory is our greatest treasure.

**(Daughter-in-law)**

# MY FIRST HERO, MY FOREVER GUIDE

**Soumya (pinky)**

I used to be very shy, even with my father (Baba). But as time passed, especially when his health began to deteriorate and we moved to Bhubaneswar, I slowly got to know him better. I always knew he was the most loving and gentle person, He was not someone who expressed his feelings openly but he loved me and Raja (my brother) deeply in his own quite way. In those small, unspoken gestures, I found the warmth of his love.

Loosing Baba is the deepest emotional wound. It is that moment which changes life forever. This creates a silence that words often struggle to fill and yet it is in these words that I am trying to honor the life he lived and the love he gave.

Baba was a constant source of strength for me. He carried wisdom in his words and kindness in his acts. I am really blessed to have him as my parent, my guide, my protector and a constant source of motivation. What make him special and unique is he never held grudges- no matter what life brought his way. There was a quite strength and kindness in him. Every waking moment, I pray to God that I can have at least a little of that quality in me- to forgive, to stay gentle and to carry the same kindness in my heart. Baba loved to talk rather I should say he was a man of stories. He had a unique way of turning ordinary moments into something memorable. His stories were never rushed, they unfolded with warmth and patience. Drawing everyone in sometimes I would get impatient and ask him to make them shorter. Today I wish I had listened to every single word a little more carefully. I will miss those conversations- the way he would begin a story, the pauses, the smile and the wisdom that followed. Through he is no longer here, his stories live on. And as long as I remember them a part of him always remains with me. These memories now become treasures, reminders that love does not end with loss.

He was a foodie at heart, but because of his strict diet, he gave up so many of the things he loved. Yet, instead of complaining, he found joy in watching others eat, smiling as if their happiness was enough for him.

Beyond all these, what really defines my Baba was the way he was attached to his friends. His friends were his life. And now, as I spend time with them, talking to them, I'm beginning to understand that he was just as important to them. He was their life too. Thorough their stories and memories,

I'm discovering even more of the person he was.

Baba, I know without you this life, with this grief it is going to be a complex journey. But I choose not only to mourn his loss but also to celebrate his life, his achievements and the countless ways he shaped who I am today. I am proud to be his daughter, I will try my best to carry forward his values, his kindness and his way of living life with warmth and generosity.

**Soumya (pinky)**
**Daughter**



# MY BRIEF YET MEMORABLE ASSOCIATION WITH ARABINDA MITRA

**Subas C. Kumar**



The sad news of the heavenly departure of Arabinda Mitra was conveyed to me by Major K. P. Mohanty. On hearing this, as I always do on such occasions, I prayed to the Almighty to bestow eternal peace and tranquillity on his soul.

